Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182

Rs - 5.00

ଭାଗ:୨, ସଂଖ୍ୟା: ୧୩, ଭୁବନେଶ୍ୱର, ଫେବୃୟାରୀ ୧୦-୧୬, ୨୦୨୫, Vol: 2, Issue: 13, Bhubaneswar, February 10-16, 2025 Pages- 8


# ଗ୍ରାମୀଣ ଶୁଦ୍ଧ କ୍ଷୀର ନା ଜହର !


ଅର୍ପିତା ମିଶ୍ର




- ଡିଟରଜେଣ୍ଟ ଓ ମଇଳା ପାଣିରେ ଧୁଆ ହେଉଛି କ୍ଷୀର କଣ୍ଟେନର୍
- କଣ୍ଟେନର୍ ଟାଙ୍କି ଭିତରେ ପଶି ପିଲାମାନେ ଖାଲି ପାଦରେ ସଫା କରୁଛନ୍ତି
- ଡାକ୍ତର କହୁଛନ୍ତି ଅପମିଶ୍ରିତ କ୍ଷୀର ଖାଇଲେ କ୍ୟାନ୍ସର ହେଇପାରେ

ଛୋଟ ପିଲାମାନେ କ୍ଷୀର ନ'ପିଇଲେ ମୁଣ୍ଡ ଗୋବର ହୋଇଯାଏ ଅର୍ଥାତ୍ ପିଲାଏ ନିର୍ବୁଦ୍ଧିଆ ହୋଇଯାନ୍ତି ବୋଲି ପୁରୁଖା ଲୋକେ କହିଥାନ୍ତି। ଏହା ଏକ ଅତ୍ୟନ୍ତ ପୁଷ୍ଟିକର ପାନୀୟ ଓ ଘରେ ଘରେ ବ୍ୟବହୃତ ହୁଏ। ଶରୀର ପାଇଁ କ୍ଷୀରକୁ ଅତି ଆବଶ୍ୟକୀୟ ପଦାର୍ଥ ବୋଲି କୁହଯାଏ। ଏହା ଆମର ଦୈନନ୍ଦିନ ଖାଦ୍ୟ ପାନୀୟ ସହିତ ଧାର୍ମିକ, ସ୍ୱାସ୍ଥ୍ୟ ଓ ବିଜ୍ଞାନ ତତ୍ତ୍ୱ ସହ ମଧ୍ୟ ଜଡ଼ିତ। କାରଣ ପବିତ୍ର ଗାଈ କ୍ଷୀରରେ ରୁଦ୍ରାଭିଷେକ ହୁଏ, ମଇଁଷି ଓ ଛେଳି କ୍ଷୀରରେ ଅନେକ ରୋଗ ବ୍ୟାଧି ନିରାକରଣ ହେବାର ପ୍ରମାଣ ରହିଛି। ଏ ସମସ୍ତ ପ୍ରକାର ଆଲୋଚନା ପରେ ଆମେ କ୍ଷୀରକୁ ଏକ ଆବଶ୍ୟକୀୟ ଚିଜ'ର ଆଖ୍ୟା ଦେଇପାରିବା କାରଣ ଏଥିରେ କ୍ୟାଲସିୟମ, ଫସଫରସ ଓ ଅନ୍ୟାନ୍ୟ ଅନେକ ଉପକାରୀ ପୋଷକ ତତ୍ତ୍ୱ ଭରପୁର ଭାବରେ ଥାଏ।

ସରକାରଙ୍କ ତଥ୍ୟାନୁସାରେ ଆମ ଦେଶ ଭାରତ ଛେଳି ଓ ମଇଁଷି କ୍ଷୀର ଉତ୍ପାଦନରେ ଏକ ନମ୍ବର୍ ସ୍ଥାନରେ ଥିବା ବେଳେ ଗାଈ କ୍ଷୀର ଉତ୍ପାଦନରେ ଯୁକ୍ତରାଷ୍ଟ୍ର ଆମେରିକା ତଳକୁ ଦୁଇ ନମ୍ବର ସ୍ଥାନରେ ରହିଛି। କିନ୍ତୁ ଚିନ୍ତାର ବିଷୟ ଏହିକି ଯେ ଦୈନିକ ଯେତିକି କ୍ଷୀରର ଆବଶ୍ୟକତା ଅଛି ତା ତୁଳନାରେ କ୍ଷୀର କମ୍ ଉତ୍ପାଦନ ହେଉଛି। ବଳକା ଆବଶ୍ୟକତାକୁ ମେଣ୍ଟାଇବା ନିମନ୍ତେ ବିଭିନ୍ନ ପ୍ରକାର ଅପମିଶ୍ରିତ କ୍ଷୀର ତିଆରି ହେଉଛି। କ୍ଷୀରରେ ଧଳା ଗୁଣ୍ଡ ପାଉଡର, ଡିଟରଜେଣ୍ଟ, ୟୁରିଆ ଭଳି ବିଷର ଅପମିଶ୍ରଣ ଖବର ଆମେମାନେ ବହୁତ୍ ଆଗରୁ ଶୁଣିଛେ ଓ ଜାଣିଛେ। ନିକଟରେ ଆମ ରାଜ୍ୟ ସରକାରଙ୍କ ସଂସ୍ଥା ଓମଫେଡ୍'ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, ଓମଫେଡ୍ କ୍ଷୀରର ପ୍ରସ୍ତୁତି ପ୍ରକ୍ରିୟା ଓ ଶୁଦ୍ଧତା ଉପରେ ଏକ ସମ୍ପୂର୍ଣ୍ଣ ତଥ୍ୟ ରଖିଥିଲେ। ବିଶୋଧାନଗାରରେ ୫୬ପ୍ରକାରର ବିଶୋଧନ କରାଯିବା ପରେ ଓମଫେଡ୍ କ୍ଷୀର ପ୍ୟାକେଟକୁ ବଜାରରେ ବିକ୍ରୀ ନିମନ୍ତେ ଛଡା ଯାଉଛି। ଏକଥା ସେ ଦୃଢତାର ସହ ପ୍ରକାଶ କରିଥିଲେ। ଓମଫେଡ୍ ସଂସ୍ଥାର ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ମତରେ ଚାଷୀଙ୍କ ପାଖରୁ କ୍ଷୀର ସଂଗ୍ରହ କରିବା ଠାରୁ ଆରମ୍ଭକରି ବିଭିନ୍ନ ପ୍ରକ୍ରିୟା ଦ୍ୱାରା ବିଶୋଧନ ପରେ ପ୍ୟାକେଟ୍ ହେଉଛି। କ୍ଷୀର ସଂଗୃହୀତ ହୋଇ ରହୁଥିବା କଣ୍ଟେନର୍ ସବୁ କେଉଁ ପାଣି ଓ କେମିକାଲ ବ୍ୟବହାର କରି କେମିତି ସଫା କରାଯିବ, କେଉଁ ଗ୍ରେଡ୍'ର ଜରି ପ୍ୟାକେଟ୍ ନିମନ୍ତେ ବ୍ୟବହାର କରାଯିବ ତାର ଏକ ନିୟମାବଳୀ (SOP) ରହିଅଛି। ସେହି ପ୍ରକ୍ରିୟାକୁ ଆମେ ଅନୁସରଣ କରିବା ବାଧ୍ୟତାମୂଳକ। ଘରେ, ଡାକ୍ତରଖାନା ଓ ମନ୍ଦିର ପର୍ଯ୍ୟନ୍ତ ସମସ୍ତେ ସବୁଠି ସରକାରୀ କ୍ଷୀର ଉପରେ ଏକ ପ୍ରକାର ବିଶ୍ୱାସ ରଖିପାରୁଛନ୍ତି, କାରଣ ବିଶୋଧନ ଓ ପ୍ୟାକେଟ୍ ତିଆରିର ଗୁଣବତ୍ତା ସଭିଙ୍କର ସନ୍ଦେହର ଊର୍ଦ୍ଧ୍ୱରେ। ବେସରକାରୀ ସ୍ତରରେ କ୍ଷୀର ପ୍ରସ୍ତୁତ କରୁଥିବା କିଛି ସଂସ୍ଥା ଏ ସମସ୍ତ ନିୟମ ଓ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଅନୁସରଣ ନକଲେ ବି ସରକାରଙ୍କ କିଛି ନିୟମ କୁ ଅଳ୍ପବହୁତ ମାନୁଛନ୍ତି।

ନିକଟରେ ଛାତ୍ର-ଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ସହିତ ୨୦୦ଗ୍ରାମ କ୍ଷୀର ଦେବାକୁ ସରକାର କହିଛନ୍ତି। ମଧ୍ୟାହ୍ନ ଭୋଜନ ଯୋଜନାରେ ପୋକା ଡାଲି ଓ ପଚା ଅଣ୍ଡା ଦିଆଯିବାର ଅଭିଯୋଗ ଆସିବା ପରେ ଏବେ ୨୦୦ଗ୍ରାମ କ୍ଷୀରର ବ୍ୟବସ୍ଥା କରା ଯାଉଛି। କିନ୍ତୁ ପ୍ରଶ୍ନ ଉଠୁଛି ଏତେ ପରିମାଣର କ୍ଷୀର ପିଲାଙ୍କ ପାଖରେ କେମିତି ପହଞ୍ଚିବ, ତାର ଗୁଣବତ୍ତା କିପରି ରହିବ ଓ ସେହି କ୍ଷୀରକୁ କିଏ କେଉଁ ଠାରୁ କିଣିବ ଓ ବିଦ୍ୟାଳୟ ମାନଙ୍କରେ ପହଞ୍ଚାଇବ। ଏବେ ସାରା ଓଡ଼ିଶାର ଛୋଟ ବଡ ସହର ମାନଙ୍କରେ ଗ୍ରାମୀଣ ଶୁଦ୍ଧ କ୍ଷୀର ନାମରେ ଏକ ବଡ କ୍ଷୀର ବ୍ୟବସାୟ ମୁଣ୍ଡ ଟେକିଲାଣି। ବ୍ୟବସାୟୀମାନେ ଏକ ମିନି ଅଟୋ କିମ୍ବା ଟ୍ରେକର ଭଳି ଗାଡ଼ିରେ ଶୀତ ତାପ ନିୟନ୍ତ୍ରିତ ଏକ କଣ୍ଟେନର୍ ସଂଯୋଗ କରି ଗାଆଁ, ଗହଳି ଗୋ-ପାଳକ ମାନଙ୍କ ଠାରୁ କ୍ଷୀର ସଂଗ୍ରହ କରି ଆଣି ସକାଳୁ ସକାଳୁ ସହରର ବଡ ବଡ ଆପର୍ଟମେଣ୍ଟ, ଜନଗହଳି ପୂର୍ଣ୍ଣ ବଜାର, ହାଟ, ଇତ୍ୟାଦି ସ୍ଥାନ ମାନଙ୍କରେ ଗ୍ରାମୀଣ ଶୁଦ୍ଧ କ୍ଷୀର ବୋଲି ଲେଖି ଓ କହି ଓମଫେଡ୍ କ୍ଷୀର ଠାରୁ ଚଢ଼ା ଦରରେ ଲିଟର ପିଛା ପ୍ରାୟ ୫୫ ରୁ ୬୦ଟଙ୍କାରେ ବିକ୍ରି କରୁଛନ୍ତି। ସେମାନେ ଶୁଦ୍ଧ କ୍ଷୀର ଦେଉଛନ୍ତି ନା ନାହିଁ ତାହା ତ ପଛ କଥା, କିନ୍ତୁ କ୍ଷୀର ଭଳି ଏକ ଆବଶ୍ୟକୀୟ, ସମ୍ବେଦନଶୀଳ ଶିଶୁ ଓ ରୋଗୀ ଖାଦ୍ୟକୁ ଶୁଦ୍ଧ ବୋଲି ଦାବି କରିବାର ପ୍ରମାଣ ତାଙ୍କୁ କିଏ ଦେଇଛି। ସରକାରୀ ବାବୁମାନେ ଶଯ୍ୟା ତ୍ୟାଗ କରିବା ପୂର୍ବରୁ ସେମାନେ ତାଙ୍କର ବ୍ୟବସାୟ ସାରି ଘରକୁ ଫେରି ଯାଇଥାନ୍ତି। ଶୁଦ୍ଧ କ୍ଷୀର ଦାବି କରୁଥିବା ଜଣେ ବ୍ୟବସାୟୀଙ୍କର ଆମ ପ୍ରତିନିଧିଙ୍କୁ ଉତ୍ତର ଥିଲା, ନେଇକି ପିଅନ୍ତୁ ଜାଣି ପାରିବେ, ସେଇଟା ହିଁ ଶୁଦ୍ଧ କ୍ଷୀର ଦାବିର ପ୍ରମାଣ, ଏହା ଠାରୁ ଅଧିକ କିଛି ଆମ ପାଖରେ ନାହିଁ। ଆମେ ଗାଆଁ ଗହଳିରୁ ମେସିନ ମାଧ୍ୟମରେ ପରୀକ୍ଷା କରି ୪ ରୁ ୫ ଲକ୍ଷ ଟଙ୍କାର ଏହି କଣ୍ଟେନରରେ କ୍ଷୀର ଆଣୁଛୁ ଓ ବିକ୍ରି କରୁଛୁ, କ୍ଷୀର ବିକ୍ରୀ ସରିବା ପରେ ଗାଡ଼ି ସବୁକୁ ଏକ କାର ସର୍ଭିସିଂ ସେଣ୍ଟରରେ ଧୁଆଧୋଇ କରୁଛୁ। କ୍ଷୀର ବିକ୍ରୀ କରି ସାରିବାପରେ ଆମ ପ୍ରତିନିଧି ସେମାନଙ୍କ ଗାଡ଼ିରେ କ୍ଷୀର ଗଚ୍ଛିତ ହୋଇ ରହୁଥିବା କଣ୍ଟେନର ର ସଫେଇ ପ୍ରକ୍ରିୟାର ସ୍ଥିତି ଅନୁଧ୍ୟାନ କରି ଯେଉଁ ପ୍ରକ୍ରିୟା ରେ ସଫା କରା ଯାଉଛି ଦେଖିଲୁ, ତାହା ଦେଖି ଆମ ଅକଲ୍ ଗୁଡୁମ୍ ହୋଇ ଯାଇଥିଲା। କଣ୍ଟେନର୍‌ର ସବୁ କ୍ଷୀର ବିକ୍ରୀ ହେଇ ସାରିବା ପରେ ବ୍ୟବସାୟୀମାନେ ଗାଡ଼ି ସବୁ ଦୁଇ ଓ ଚାରିଚକିଆ ଯାନ-ବାହାନ ଧୋଉଥିବା ଏକ ସର୍ଭିସ୍ ସେଣ୍ଟର୍ କୁ ନିୟମିତ ଯାଇଥାଏ। ସେଠାରେ ବ୍ୟବହୃତ ହେଉଥିବା ମଇଳା ପାଣିରେ ଡିଟରଜେଣ୍ଟ୍ ବ୍ୟବହାର କରାଯାଇ ସଫା କରାଯାଏ। ସାଙ୍ଘାତିକ କଥା ଏହିକି'ଯେ ଜଣେ କର୍ମଚାରୀ ସେହି କଣ୍ଟେନର୍ ଭିତରକୁ ଖାଲି ପାଦରେ ପ୍ରବେଶ କରି ଭିତର ସଫେଇ କାମ କରି ଥାଆନ୍ତି। ଏହି ଅଭିଯୋଗର ଉତ୍ତର ରଖି ବ୍ୟବସାୟୀ ଜଣଙ୍କ କହିଥିଲେ ନିୟମିତ କଣ୍ଟେନର୍ ଭିତରକୁ ଆମେ ପଶିନଥାଉ, ଯେତେବେଳେ ପିଲା ପଶିଥାନ୍ତି ସେମାନେ ନିଜ ପାଦରେ ଜରି ବାନ୍ଧି ପଶନ୍ତି। ଏହା କେତେ ଦୂର ଠିକ୍ ଏବଂ ପାଦରେ ପିନ୍ଧିଥିବା ଜରି କେତେ ପରିଛନ୍ନ। ସଫେଇ ପ୍ରକ୍ରିୟା ବିଷୟକୁ ଦେଖି ପାଠକେ ବିଚାର କରନ୍ତୁ କ୍ଷୀର ସଂଗ୍ରହ କରି ରଖିବା ପ୍ରକ୍ରିୟା କେତେ ଶୁଦ୍ଧ। ସବୁଠାରୁ ଚିନ୍ତାଜନକ ବିଷୟ ହେଲା ଏମାନଙ୍କ ଉପରେ କିମ୍ବା ଏହି ବ୍ୟବସାୟ ଉପରେ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ନୀତି, ନିୟମ, ଓ ନିୟନ୍ତ୍ରଣ ପଦ୍ଧତିର ନିୟମାବଳୀ ନାହିଁ। ସେମାନେ କେବଳ ମ୍ୟୁନିସିପାଲିଟ୍ ନିକଟରୁ ଟ୍ରେଡ୍ ଲାଇସେନ୍ସ (Trade License) ଓ ଏଫ୍.ଏସ.ଏସ.ଆଇ (FSSAI) ନିକଟରୁ ଫୁଡ୍ ଲାଇସେନ୍ସ (Food License) ଅନଲାଇନ୍ ମାଧ୍ୟମରେ ଆବେଦନ କରି ପାଇଛନ୍ତି। ତାହା କେତେଦୂର ଠିକ୍ ସେଇଟା ହିଁ ତଦନ୍ତ ସାପେକ୍ଷ। ଅପମିଶ୍ରିତ ତଥା ବିଷାକ୍ତ କ୍ଷୀର ଓ କ୍ଷୀରରୁ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରି ଲୋକଙ୍କ ଜୀବନ ସହ ଖେଳ ଖେଳାଯାଉଛି। ତେଣୁ ତୁରନ୍ତ ରାଜ୍ୟ ସରକାର ଏହି ଗ୍ରାମୀଣ ଶୁଦ୍ଧ କ୍ଷୀର ବିକ୍ରୀ ଉପରେ ଏକ ବିସ୍ତୃତ ନିୟମାବଳୀ ପ୍ରସ୍ତୁତ କରି ବେସରକାରୀ ଶୁଦ୍ଧ କ୍ଷୀର ବ୍ୟବସାୟ ଉପରେ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଛନ୍ତି।




# ସଂ ପା ଦ କୀ ୟ

## ନୈବେଦ୍ୟ ସ୍ୱାହା

ସମସ୍ତେ ଆମେ ଅଛେ ବହୁତେ ଘରେ ଠାକୁରଙ୍କୁ ରଖି ପୂଜା କରୁଛେ। ମୁଁ ସବୁଦିନ ନହେଲେ ବି ବେଳେବେଳେ ପୂଜା କରେ। କେବେ ଭକ୍ତିପୂତ ଭାବରେ ତ କେବେ ବାଧ୍ୟ ବାଧକତାରେ। ସମସ୍ତଙ୍କ ଘରେ ପୂଜା କରିବାର ତରିକା କିନ୍ତୁ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ। ପୂଜା କରିବାର ସମୟ, ଫୁଲ ତୁଳସୀ ଅର୍ପଣ ବିଧି, କେଉଁ ଠାକୁରଙ୍କୁ କେଉଁ ଫୁଲ ଓ କେଉଁ ରଙ୍ଗର ଫୁଲ , କାହାଙ୍କୁ ତୁଳସୀ କାହାଙ୍କୁ ନୁହଁ, ଏଭଳି ଅନେକ ବିଧି ବିଧାନ ଥାଏ। ଜଗଦଗୁରୁ କୃପାଳୁଜୀ ମହାରାଜଙ୍କର ଅନ୍ୟତମ ଶିଷ୍ୟା ତଥା ମୋର ପରମ ପୂଜ୍ୟା ରାସେଶ୍ୱରୀ ଦେବୀଜୀ ଙ୍କର ଗୋଟେ କଥା ଆଜି ମନେ ପଡ଼ିଯାଉଛି । ପୂଜାରେ ଆମେ ଠାକୁରଙ୍କୁ ସତରେ କଣ ନୈବେଦ୍ୟ ସମର୍ପଣ କରିବା ଉଦେଶ୍ୟରେ ପୂଜା କରୁଛେ? ନା ବରଂ ଆମ ପାଟିକୁ ସୁଆଦିଆ ଲାଗୁଥିବା ଚିଜକୁ ନୈବେଦ୍ୟ ଭାବରେ ସମର୍ପଣ କରୁଛେ। ଜନ୍ମାଷ୍ଟମୀ, ସରସ୍ୱତୀ ଏବଂ ଗଣେଶ ପୂଜାର ବହୁ ପୂର୍ବରୁ ଆମ ନିଜକୁ କଣ ସବୁ ଖାଇବାକୁ ଭଲଲାଗେ ବା ନିଜ ପସନ୍ଦର ଖାଦ୍ୟ ପଦାର୍ଥର ଲିଷ୍ଟ ତିଆରି କରୁ ଓ ଭୋଗ ସେହି ଅନୁସାରେ ଠାକୁରଙ୍କୁ ସମର୍ପଣ କରିସାରିବା ପରେ ନିଜେ ଖାଉ । କେହି କେବେ ଯୋଜନା କରନ୍ତିନି ଏଇ ପବିତ୍ର ଦିନ ମାନଙ୍କରେ ଭଜନ, କୀର୍ତ୍ତନ ଓ ଧ୍ୟାନ କେତେ ସମୟ ଲେଖାଏଁ କରିବେ। ପୂଜା ସରିଲା ବେଳକୁ ଯଦି ଥାଳିରୁ ଭୋଗ ସତରେ ଠାକୁର ଖାଇ ଦେଉଥାନ୍ତେ ତେବେ ଆମେ କେହି ଆଜି ଷ୍ଟାଇଲ୍ ରେ ଦାମିକା ଭୋଗ ଆଣି ପୂଜା କରୁନଥାନ୍ତେ। ଏବେ କହିବାକୁ ଚାହିଁବି ଆଜି ଏସବୁ କଥା କାହିଁକି ଲେଖିବାକୁ ଚାହିଁଲି। ମୋର ବ୍ରତଘର ସଦ୍ୟ ସମାପ୍ତ ହୋଇଥାଏ । ବ୍ରତ ହେଲାପରେ ଠାକୁର ପୂଜା କରିବାକୁ ଘରେ କୁଆଡେ ଲାଇସେନ୍ସ ମିଳିଯାଏ। ସେଦିନ ନନା (ବାପା), ଭାଇନା କେହି ଘରେ ନଥିବାରୁ ବୁଢ଼ୀ'ମା ମୋ ଉପରେ ପୂଜା କରିବାର ଦାୟିତ୍ୱ ଅର୍ପଣ କଲା। କଷ୍ଟେ ମଷ୍ଟେ ଠାକୁରଙ୍କୁ ଗାଧୁଆ ପାଧୁଆ କରି ଫୁଲ ଦେଇ ( ବୁଢ଼ୀ ମା'ର ନିର୍ଦ୍ଦେଶ ଅନୁସାରେ) ଧୂପ ଲଗେଇବା କାମଟିକୁ ସାରିଦେଲି। ତାପରେ ଆସିଲା ଅନ୍ତିମ ପର୍ଯ୍ୟାୟ, ମାନେ ଭୋଗ କରିବାର ସମୟ। ମନ୍ତ୍ର ଫନ୍ତ୍ର କିଛି ଜଣା ନଥିଲା, ବୁଢ଼ୀ'ମାକୁ ତେଣୁ ପଚାରିଲି କଣ କରିବି ? କାରଣ ମତେ ଆଙ୍ଗୁଠିକୁ ମୋଡି ବଙ୍କେଇ କଣ ସବୁ ସେ ବିଭିନ୍ନ ମୁଦ୍ରା (ଆବାହନ, ସଂସ୍ଥାପନ, ଧେନୁମୁଦ୍ରା ଓ ମହାମୁଦ୍ରା) କିଛି ଜଣା ନଥିଲା। ସେ ତା ବୁଦ୍ଧିରୁ କହିଲା ସେସବୁ କିଛି ଦରକାର ନାହିଁ ଖାଲି ଷଠୀ ଦେବୀ ଓ ମା ଲକ୍ଷ୍ମୀଙ୍କୁ ଟିକେ ପାଣି ଛଡେଇଦେ । ସେଇଟା ବି କଣ ମୁଁ ବୁଝି ନପାରିବାରୁ ସେ କହିଲା, ବାଁ ହାତରେ ଘଣ୍ଟି ଧରି ବଜେଇ ଡାହାଣ ହାତ ପାପୁଲି ରେ ଟିକେ ପାଣି ରଖି ବିଶି ଓ ମଝି ଆଙ୍ଗୁଠି ମଝିରେ ଫୁଲଟିଏ ରଖି ଗାୟତ୍ରୀ ମନ୍ତ୍ର ମନେ ମନେ ଜପ କରି ଷଠୀ ଦେବୀ ନୈବେଦ୍ୟ ସ୍ୱାହା, ମହାଲକ୍ଷ୍ମୀ ଦେବୀ ନୈବେଦ୍ୟ ସ୍ୱାହା କହି ଭୋଗ ଚାରିପଟେ ପାଣି ପକେଇ ଫୁଲକୁ ଭୋଗ ଉପରେ ପକେଇଦବୁ। ମୁଁ ସେଇଦିନ ଠାରୁ ସେଇଆ ହିଁ କରିଆସୁଛି। ଜୟ ମା ମଙ୍ଗଳା, ଜୟ ମା ତାରିଣୀ, ଶ୍ରୀକୃଷ୍ଣାୟ ନମଃ, ଶ୍ରୀଜଗନ୍ନାଥାୟ ନମଃ ଇତ୍ୟାଦି କହି ନୈବେଦ୍ୟ ସ୍ୱାହା କହିକି କାମଚଲା ପୂଜା କରୁଛି। ତା'ପରେ ନିଜ ମୁଣ୍ଡ ଖଟେଇ ପୂଜା ପଦ୍ଧତି ଟିକେ ଶିଖିବାକୁ ଇଚ୍ଛା ପ୍ରକାଶ କରି ବିଭିନ୍ନ ପ୍ରକାର ପଣ୍ଡିତ ମାନଙ୍କର ସଚିତ୍ର ପୂଜା ପଦ୍ଧତି ବହି କିଣି ମନ୍ତ୍ର ଓ ଜ୍ଞାନ ମାର୍ଗର ପୂଜା ପଦ୍ଧତି ଶିଖିବାକୁ ଆରମ୍ଭ କଲି। ଜ୍ଞାନ ମାର୍ଗର ସେ ଅବୁଝା ଏବଂ ଅଧା ବୁଝା ମନ୍ତ୍ର ଓ ଭୁଲ୍-ଭାଲ୍ ମୁଦ୍ରାରେ ଆଉ ଶାନ୍ତି ମିଳିଲା ନାହିଁ କାରଣ ମୁଁ ଯେଉଁ ପଦ୍ଧତିରେ ପୂଜା କରୁଥିଲି ତାକୁ ଆଜି କିଏ ଠିକ୍ କହିଲାଣି ତ କିଏ ଭୁଲ୍। ଏମିତି ଜ୍ଞାନ ମାର୍ଗରେ ବାଟବଣା ହେବା ଅପେକ୍ଷା ମୋ ବୁଢ଼ୀ'ମାର ଭକ୍ତି ମାର୍ଗର ଉପଦେଶକୁ ମାନି ବିନା ପୂଜାମଠା, ବିନା ମନ୍ତ୍ରରେ କେବଳ ଧୋତିକୁ କଚ୍ଛା ମାରି କାନ୍ଧରେ ଗାମୁଛା ପକାଇ କିମ୍ବା ଗଞ୍ଜି ଖଣ୍ଡେ ପିନ୍ଧି ଠାକୁରଙ୍କୁ ନୈବେଦ୍ୟ ସ୍ୱାହା ବୋଲି କହି ଭୋଗ ସମର୍ପଣ କରୁଛି ଓ ଅପୂର୍ବ ଶାନ୍ତି ମଧ୍ୟ ମିଳୁଛି । ତା ପରେ ଗୁଗୁଲ୍ ଓ ଉଇକିପିଡ଼ିଆରୁ ଖୋଜିଲି 'ନୈବେଦ୍ୟ ସ୍ୱାହାର' ଅର୍ଥ କଣ। ଜାଣିବାକୁ ପାଇଲି ବୁଢ଼ୀ'ମା ଠିକ୍ କହିଥିଲା, କୌଣସି ବି ଖାଦ୍ୟକୁ ଖାଇବା ପୂର୍ବରୁ ହିନ୍ଦୁ ଧର୍ମର ଦେବଦେବୀଙ୍କୁ ସମର୍ପଣର ବିଧି ରହିଥାଏ। ନୈବେଦ୍ୟକୁ ଠାକୁରଙ୍କୁ ସମର୍ପଣ ପରେ ତାହା ପ୍ରସାଦରେ ପରିଣତ ହୋଇଥାଏ । ତେଣୁ ଆସନ୍ତୁ ଜ୍ଞାନ ମାର୍ଗର ଭୁଲ୍-ଭାଲ୍ ମନ୍ତ୍ର ଉଚ୍ଚାରଣ ଓ ମୁଦ୍ରା ଦ୍ୱାରା ଅଧର୍ମ ଅର୍ଜନ କରିବା ପରିବର୍ତ୍ତେ ବୁଢ଼ୀ'ମା କହିବା ଅନୁସାରେ ଧୋତି ଓ ଗାମୁଛା କିମ୍ବା ଗଞ୍ଜି ଖଣ୍ଡେ ପିନ୍ଧି ନୈବେଦ୍ୟ ସ୍ୱାହା ମନ୍ତ୍ରରେ ପ୍ରଭୁଙ୍କୁ ଭକ୍ତିର ସହ ପୂଜା ଭୋଗ ସମର୍ପଣ କରିବା।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ମୟୂର ଓ ଶ୍ରୀରାମ ଉପାଖ୍ୟାନ

ସ୍ମିତା ଷଡଙ୍ଗୀ

ଭଗବାନ ପୁରୁଷୋତ୍ତମ ଶ୍ରୀରାମଙ୍କର ବନବାସ ସମୟର କଥା। ଥରେ ମାତା ସୀତାଙ୍କୁ ଭୀଷଣ ଶୋଷ ଲାଗିଲା। ଗହନ ବନରେ କେଉଁ ଠାରେ ପାଣି ଟୋପାଏ ନାହିଁ। ଶ୍ରୀରାମଚନ୍ଦ୍ର ମହାପ୍ରଭୁ ବଣରେ ସବୁଠି ପାଣି ଖୋଜିଲେ, ହେଲେ କୋଉଠି ବି ପାଣି ନାହିଁ, ଚାରିଆଡ ଖାଲି ଜଙ୍ଗଲ ହିଁ ଜଙ୍ଗଲ। ପ୍ରଭୁ ଶ୍ରୀରାମଙ୍କ ମନ ଦୁଃଖ ହେଲା। ସେ ଆତୁର ଓ କାତର ହୋଇ ନିବେଦନ କଲେ, ହେ ବଣର ଦେବତା, ଦୟାକରି ମୋତେ ବତାଇଦିଅ, ଏ ଘନ ଜଙ୍ଗଲରେ କେଉଁଠାରେ ମତେ ପାଣି ମିଳିବ? ଦୟାପୂର୍ବକ ବାଟ ଦେଖାଇଦିଅ ।

ସୀତା ମାତା'ଙ୍କର ଶୋଷ ବେଳକୁ ବେଳ ବଢ଼ିବାରେ ଲାଗିଲା। ଏଭଳି ଏକ ଅତି ବିକଳ ସମୟରେ ଗୋଟିଏ ମୟୂର ପକ୍ଷୀଟିଏ ଆସିଲା। ସେ ପ୍ରଭୁ ଶ୍ରୀରାମ'ଙ୍କୁ କହିଲା, ହେ ପ୍ରଭୁ, ମୁଁ ଆପଣଙ୍କୁ ପାଣି ପିଇବା ପାଇଁ ସହଜ ବାଟ ଦେଖାଇଦେବି। ଏଇଠୁ ଅଳ୍ପ କିଛି ଦୂରରେ ସୁନ୍ଦର ଜଳାଶୟ ଟିଏ ଅଛି। ହେ ପ୍ରଭୁ ମୁଁ ଆଗେ ଆଗେ ଉଡିକରି ଯିବି, ଆପଣ ମୋ ପଛେ ପଛେ ଯିବେ। କିନ୍ତୁ ଟିକେ ଅସୁବିଧା ଅଛି। ତହିଁରୁ ପ୍ରଭୁ ଶ୍ରୀରାମ କହିଲେ, ତେବେ ଅସୁବିଧା କ'ଣ? ମୟୂର କହିଲା, ଯେହେତୁ ମୁଁ ଉଡ଼ି ଉଡ଼ି ଯିବି, ଆଉ ଆପଣ ଚାଲି ଚାଲି ଯିବେ, ବାଟ ବଣା ହେବାର ସମ୍ଭାବନା ଅଛି। ସୁତରାଂ ମୁଁ ଉଡ଼ି ଉଡ଼ି ଗଲାବେଳେ ମୋ ଶରୀରରୁ ଗୋଟାଏ ଲେଖାଏଁ ପର ଝଡି ଯିବି, ଆପଣ ସେହି ପରକୁ ଦେଖି ଅନୁସରଣ କରି ଚାଲିବେ। ମୟୂର'ଙ୍କ ପର ଝଡ଼ିବାର ଏକ ସ୍ୱତନ୍ତ୍ର ଓ



ବିଶେଷ ଋତୁ ଏବଂ ବିଶେଷ ଦିନ ଅଛି। ତାହା ଅସମୟରେ ନିଜ ଇଚ୍ଛା ଅନୁସାରେ ଝଡେ ନାହିଁ। ଯଦି ମୟୂର ତାର ନିଜ ଇଚ୍ଛାରେ ଅଦିନିଆ କିଛି ପର ଝାଡେ, ତେବେ ତା'ର ମୃତ୍ୟୁ ହେବା ସୁନିଶ୍ଚିତ। ଏକଥା ନିଜେ ଜାଣିଥିଲେ ମଧ୍ୟ ମୟୂର'ଟି ଆକାଶରେ ପର ଝାଡି ଝାଡି ଉଡି ଉଡି ଗଲା। ପ୍ରଭୁ ଶ୍ରୀରାମଚନ୍ଦ୍ର ମୟୂର ପରକୁ ଦେଖି ଅନୁସରଣ କରି କରି ଚାଲିଲେ ଏବଂ ଶେଷରେ ଜଳାଶୟ ନିକଟରେ ପହଞ୍ଚିଲେ। କିନ୍ତୁ ସେତେବେଳକୁ ଆଉ ମୟୂର ଟିର ଅବସ୍ଥା ଭଲ ନଥିଲା। ଏକରକମ ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚି ସାରିଥିଲା। ମୟୂର'ଟି ଶେଷ ନିଃଶ୍ୱାସ ନେବା ବେଳେକୁ ଭାବୁଛି ଯେ, ସେ କେଡ଼େ ଭାଗ୍ୟବାନ ସତରେ, କାରଣ ଯେ ଜଗତର ଶୋଷ ମେଣ୍ଟାଉଥାଆନ୍ତି, ତାଙ୍କ ଧର୍ମପତ୍ନୀଙ୍କ ତୃଷା ନିବାରଣରେ ସାହାଯ୍ୟ କରିବାର ସୁଯୋଗ ତାକୁ ଆଜି ମିଳିଲା। ତେଣୁ ଆଜି, ମୋର ଜୀବନ ଧନ୍ୟ ହୋଇଗଲା। ଜୀବନରେ ଆଉ ମୋର କିଛି ଶେଷ ଇଚ୍ଛା ନାହିଁ। ଏମିତିରେ ଆଉ କିଛି ସମୟ ପରେ ମୟୂର ମରିବ। ଭଗବାନ ଶ୍ରୀରାମ କହିଲେ, ମୟୂର ତୋର ପରକୁ ଝାଡି ଝାଡି ଆଜି ତୁ ମୋର ଯେଉଁ ଉପକାର କଲୁ ଓ ଶେଷରେ ଜୀବନ ଦେଇଦେଲୁ, ମୋତେ ଚୀର ଋଣୀ କରିଦେଲୁ। ମୋ ଉପରେ ଯେଉଁ ଋଣର ବୋଝ ଲଦି ଦେଲୁ, ତାହା ବୋଧେହୁଏ ମୁଁ ଏ ଜନ୍ମରେ କେବେ ଶୁଝି ପାରିବି ନାହିଁ। ମୁଁ ରଘୁବଂଶ ତିଳକ ତତେ ଆଜି କଥା ଦେଉଛି ଆର ଜନ୍ମରେ ତୋର ଋଣ ନିଶ୍ଚିତ ପରିଶୋଧ କରି ଋଣ ମୁକ୍ତ ହେବି। ତୋର ପରକୁ ମୋର ମସ୍ତକରେ ସାରାଜୀବନ ଧାରଣ କରି ତୋର ଋଣ ଶୁଝିବି । ମୟୂର'ଟି ସେହି କଥା ଶୁଣିବା ପରେ ସେଠାରେ ପରମଧାମକୁ ପ୍ରାପ୍ତ କଲା । ତାପରେ ଆର ଜନ୍ମରେ ପ୍ରଭୁ ଶ୍ରୀରାମ ଭଗବାନ ଶ୍ରୀକୃଷ୍ଣ ହେଲେ। ମୟୂର'ଙ୍କୁ ଗତ ଜନ୍ମରେ ଦେଇଥିବା କଥାନୁସାରେ ଭଗବାନ ଶ୍ରୀକୃଷ୍ଣ ତାଙ୍କ ନିଜ ମସ୍ତକରେ ମୟୂର ପର ସହ ମୁକୁଟ ଧାରଣ କରିଥିଲେ। ଭକ୍ତବତ୍ସଳ ହରି, ଭାବବିନୋଦିଆ ଠାକୁର ମୟୂରର ଋଣ ଏହିପରି ଶୁଝିଲେ।

ତୁଳସୀପୁର, କଟକ-୮
ମୋବାଇଲ: ୮୯୦୮୯୬୪୯୮୬

# ଉତ୍କର୍ଷ ଓଡ଼ିଶା : ବିକଶିତ ଓଡ଼ିଶାର ନୂଆ ଆଶା

ସତ୍ୟ ମହାପାତ୍ର

ଉତ୍କର୍ଷ ଓଡ଼ିଶା, ମେକ ଇନ ଓଡ଼ିଶା କନକ୍ଲେଭ-୨୦୨୫ ସଫଳତମ ଭାବେ ଓଡ଼ିଶାରେ ଆୟୋଜିତ ହୋଇଛି। ଏହି ନିବେଶକ ସମ୍ମିଳନୀକୁ ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ବିକାଶର ଶୀର୍ଷରେ ପହଞ୍ଚିବ ଓ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଓଡ଼ିଶା ମୁଖ୍ୟ ଭୂମିକା ନେବ। ପୂର୍ବ ଭାରତର ବିକାଶ ଓଡ଼ିଶାରୁ ହିଁ ଆରମ୍ଭ ଏବଂ ଅପାର ସମ୍ଭାବନା ଥିବା ଏହି ରାଜ୍ୟରେ ନିବେଶ କଲେ ନିବେଶକଙ୍କୁ ଯେ ଫାଇଦା ମିଳିବ ତାହା ନୁହେଁ ବରଂ ସେମାନେ ଦେଶର ବିକାଶରେ ନିଜର ଯୋଗଦାନକୁ ଆହୁରି ମଜଭୁତ କରିପାରିବେ ବୋଲି ପ୍ରଧାନମନ୍ତ୍ରୀଙ୍କ ଆଶା। ଏହାସହ ଦେଶ ଓ ଦେଶ ବାହାରର ନିବେଶକଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବା ସହ ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ଭଲ ଭାବେ ଜାଣିଛନ୍ତି ଆଜି ଓଡ଼ିଶା ସମଗ୍ର ଭାରତରେ ଏକ ବିକଶିତ ଓ ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇବା ସହ ଓଡ଼ିଶାରେ ବିକାଶ ବିନା ପୂର୍ବୋଦୟ ବିକାଶ ସମ୍ଭବ ନୁହଁ ଯାହାପାଇଁ ପ୍ରଧାନମନ୍ତ୍ରୀଙ୍କ ବଡ଼ ଫୋକସରେ ରହିଛି ଓଡ଼ିଶା। ଏଠାରେ ସୂଚନାଥାଉକି ମୋଦିଜୀ ଓଡ଼ିଶାକୁ ଇତିମଧ୍ୟରେ ତିରିଶ ଥରରୁ ଊର୍ଦ୍ଧ୍ୱ ଥର ଆସିଲେଣି। ଓଡ଼ିଶାରେ ମୋହନ ମାଝୀଙ୍କ ସରକାର କ୍ଷମତାକୁ ଆସିବାରେ ସାତ ମାସ ପୁରା ହୋଇସାରିଲାଣି। ପ୍ରଧାନମନ୍ତ୍ରୀଙ୍କ ଭିଜନ ଅନୁଯାୟୀ ବିକଶିତ ଓଡ଼ିଶା ପାଇଁ ମୋହନ ମାଝୀଙ୍କ ସରକାର ଗୋଟିଏ ଗୋଟିଏ ସଫଳ ଓ ବଡ଼ ପଦକ୍ଷେପ ନେଇ ଲୋକମାନଙ୍କ ହୃଦୟ ମଧ୍ୟ ଜିତିଲେଣି। ତେଣୁ ଓଡ଼ିଶାର ଭାଜପା ସରକାରଙ୍କ ପାଇଁ ପ୍ରଥମ ଶିଳ୍ପ ମହାକୁମ୍ଭ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ଥିଲା। ପାଞ୍ଚଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶ ପ୍ରସ୍ତାବ ହାସଲର ନିଶ୍ଚିତତା ପାଇଁ ଓଡ଼ିଶାର ମୋହନ ସରକାର ଅଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଦମଦାର ଅଭିଭାଷଣ ଯୋଗ ଦେଇଥିବା ଶିଳ୍ପପତି ମାନଙ୍କ ଉତ୍ସାହ ବଢ଼ାଇବା ସହ ଓଡ଼ିଶା ଉପରେ ସେମାନଙ୍କ ଭରସା ମଧ୍ୟ ବଢ଼ିଛି। କାରଣ ମୋଦିଙ୍କ ଗ୍ୟାରେଣ୍ଟି ହିଁ ସେମାନଙ୍କର ବଡ଼ ସମ୍ବଳ ଓ ଭରସା। ଓଡ଼ିଶାର ପ୍ରଗତିର ଭିଜନକୁ ସ୍ୱୟଂ ପ୍ରଧାନମନ୍ତ୍ରୀ ଅନୁଧ୍ୟାନ କରୁଛନ୍ତି। ଓଡ଼ିଶାରେ ଶିଳ୍ପ ବିକାଶ ତ୍ୱରାନ୍ୱିତ ହେବା ସହ ସ୍ୱାବଲମ୍ବୀ ଯୁବକମାନେ ନିଜ ଗୋଡ଼ରେ ଛିଡ଼ା ହୋଇ ଓଡ଼ିଶାର ବିକାଶ ପାଇଁ ଢ଼େର ସ୍ୱପ୍ନ ଓ ସମ୍ଭାବନା ଦେଖୁଛନ୍ତି।

# ଏକାଦଶୀ ଉପବାସ ମାହାତ୍ମ୍ୟ : ୧୫

## ଯୋଗିନୀ ଏକାଦଶୀ

ସିଦ୍ଧାର୍ଥ ମହାପାତ୍ର

ପ୍ରଭୁ ଶ୍ରୀକୃଷ୍ଣ ଆଷାଢ଼ ମାସ କୃଷ୍ଣ ପକ୍ଷ ଏକାଦଶୀ ବ୍ରତ ବିଷୟରେ ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିରଙ୍କୁ କହିଲେ। ଏହି ଏକାଦଶୀକୁ ଯୋଗିନୀ ଏକାଦଶୀ କୁହାଯାଏ। ଯୋଗିନୀ ଏକାଦଶୀ ଆଷାଢ଼ ମାସ କୃଷ୍ଣ ପକ୍ଷ ତିଥିରେ ପାଳିତ ହୁଏ। ପୁରା କାଳରେ ଅଳକାପୁରୀରେ ଶିବ ଭକ୍ତ କୁବେର ବାସ କରୁଥିଲେ। ତାଙ୍କ ପାଖେ ଥିବା ହେମ ନାମକ ମାଳି ଏବଂ ତା ପତ୍ନୀ ବିଶାଳାକ୍ଷୀ ଶିବ ପୂଜନ ପାଇଁ ମାନସରୋବରରୁ ପୁଷ୍ପ ସଂଗ୍ରହ କରନ୍ତି। ଏକଦା ହେମ ମାଳି ପୁଷ୍ପ ସଂଗ୍ରହ ପରେ ପତ୍ନୀ ପ୍ରେମରେ ଉବୁଟୁବୁ ହୋଇ ଠିକଣା ସମୟରେ ଶିବ ପୂଜନ ପାଇଁ ଉଦ୍ଦିଷ୍ଟ ପୁଷ୍ପ ଦେଇପାରିଲା ନାହିଁ। ପୂଜନରେ ବିଳମ୍ବ ହେବାରୁ, କ୍ରୋଧିତ କୁବେର ମାଳିକୁ ମର୍ତ୍ତ୍ୟଲୋକରେ କୁଷ୍ଠ ଭୋଗିବାକୁ ଏବଂ ପତ୍ନୀ ବିୟୋଗର ଦୁଃଖ ସହିବା ଅଭିଶାପ ଦେଲେ। ଅଭିଶାପ ଫଳ ସ୍ୱରୂପ ମର୍ତ୍ତ୍ୟଲୋକରେ କୁଷ୍ଠ ରୋଗ ଭୋଗି ପତ୍ନୀ ବିୟୋଗ ସହିଲେ ମଧ୍ୟ ଅତୀତର ସଞ୍ଚିତ ଶିବ ପୂଜନ ପୁଣ୍ୟ ବଳରେ ପୂର୍ବ ସ୍ମୃତି ବଜାୟ ଥିଲା। ପାପ ପ୍ରାୟଶ୍ଚିତ ପାଇଁ ହରିଦ୍ୱାରରେ ଗଙ୍ଗା ସ୍ନାନ ପରେ ମଧ୍ୟ କିଛି ଉପଶମ ନ ହେଲାରୁ, ଯମୁନୋତ୍ରୀରେ ଥିବା ମାର୍କଣ୍ଡେୟ ଋଷିଙ୍କ ଦ୍ୱାରସ୍ଥ ହୋଇଥିଲା। ଋଷିଙ୍କ ଉପଦେଶ ମାନି ହେମ ମାଳି ଯୋଗିନୀ ଏକାଦଶୀ ବ୍ରତ ପାଳନ କରି ଦିବ୍ୟ ଦେହ ପୁନଃ ପ୍ରାପ୍ତି ହେଲା ଏବଂ ପତ୍ନୀ ସହ ମିଳିତ ହୋଇ ଅଳକାପୁରୀରେ ବାସ କଲା। ଏହି ଏକାଦଶୀରେ ନାରାୟଣ ପୂଜନ କରି ମିଶ୍ରି ପ୍ରସାଦ ଲଗେଇବା ଉଚିତ୍।

ବକ୍ସିବାଟି ରୋଡ, କଟକ-୧
ମୋ : ୯୩୩୮୫୬୦୯୯୩

# ଶ୍ରେଷ୍ଠ ୫ଟି ରାଜ୍ୟ ଭିତରେ ରହିବା ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭିଓଭି): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଷୋଡ଼ଶ ଅର୍ଥ କମିସନ ଡ଼କ୍ଟର ଅରବିନ୍ଦ ପାନଗେରିୟାଙ୍କର ବୈଠକ ହୋଇଛି । ସାକ୍ଷାତ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ଯେ, ଅର୍ଥ କମିସନଙ୍କ ସହିତ ହୋଇଥିବା ବୈଠକରେ ରାଜ୍ୟର ଆର୍ଥିକ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। କମିସନଙ୍କ ନିକଟରେ ବିକଶିତ ଓଡ଼ିଶା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି । ଅର୍ଥ କମିସନଙ୍କ ନିକଟରେ ହୋଇଥିବା ଦାବି ରାଜ୍ୟ ସରକାରଙ୍କ ୨୦୨୬-୨୦୩୧ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଏହା ପ୍ରତିଫଳିତ ହେବାର ଆଶା ରହିଛି ବୋଲି ଅର୍ଥ ବିଶେଷଜ୍ଞ ମତପୋଷଣ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଅର୍ଥ



କମିସନଙ୍କ ନିକଟରେ ମୋଟ ୧୨ ଲକ୍ଷ ୫୯ ହଜାର ୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କରାଯାଇଛି । ପୂର୍ବ ଅପେକ୍ଷା ଅଧିକ ଆର୍ଥିକ ସହାୟତା ଆସିବ ବୋଲି ଆଶା ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତର ଶ୍ରେଷ୍ଠ ୫ଟି ରାଜ୍ୟ ଭିତରେ ରହିବା ପାଇଁ ଓଡ଼ିଶାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କେନ୍ଦ୍ର ସରକାରଙ୍କ ଟିକସ ଆୟରୁ ୪୧ ପ୍ରତିଶତ ରାଜ୍ୟମାନଙ୍କୁ ବଣ୍ଟନ କରାଯାଉଛି । ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଦାବି ରଖାଯାଇଛି । ଉଭୟ ଲିଖିତ ଓ ବକ୍ତବ୍ୟ ମାଧ୍ୟମରେ ରାଜ୍ୟର ଦାବି ମୁଖ୍ୟମନ୍ତ୍ରୀ ଅର୍ଥ କମିସନଙ୍କ ନିକଟରେ ରଖିଛନ୍ତି । କେନ୍ଦ୍ର ଟିକସର ରାଜ୍ୟ ମାନଙ୍କୁ ନିର୍ଦ୍ଧାରିତ ସୂତ୍ରରେ ବଣ୍ଟନ କରାଯାଇଥାଏ । ଓଡ଼ିଶାର ୪.୫୨୮ ପ୍ରତିଶତ ଭାଗ ଓଡ଼ିଶା ପାଇଥାଏ । ଏହାକୁ ୪.୯୬୪ ପ୍ରତିଶତକୁ ବୃଦ୍ଧି କରିବାକୁ ଦାବି ଉପସ୍ଥାପନ କରାଯାଇଛି। ମୋଟ ରାଜସ୍ୱ ପ୍ରାପ୍ତିର ୨ ପ୍ରତିଶତ ଗ୍ରାମୀଣ ଓ ସହରାଞ୍ଚଳ ପାଇଁ ସ୍ଥିର କରିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି । ଏହା ଦ୍ୱାରା ଅର୍ଥ ପଞ୍ଚାୟତିରାଜ ଓ ପୌର ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଅନୁଦାନ ମିଳିପାରିବ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୭୫ ପ୍ରତିଶତ କେନ୍ଦ୍ର ସରକାର ଦେଇଥାନ୍ତି ଏବଂ ୨୫ ପ୍ରତିଶତ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥାଏ । ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ । ତେଣୁ କେନ୍ଦ୍ର ସରକାର ନିକଟରେ ୧୦୦ ପ୍ରତିଶତ ଅନୁଦାନ ରାଜ୍ୟକୁ ଯୋଗାଇ ଦେବାକୁ ଦାବି ରଖାଯାଇଛି । ସ୍ୱାସ୍ଥ୍ୟ, ଜଳ ଯୋଗାଣ, ପରିମଳ ବ୍ୟବସ୍ଥାର ବିକାଶ ଉପରେ ମଧ୍ୟ ପ୍ରସ୍ତାବ ଦିଆଯାଇଛି । ରାଜସ୍ୱ ନିଅଣ୍ଟ ବାବଦକୁ ୯,୮୮,୪୨୨ କୋଟି ଟଙ୍କା ପ୍ରଦାନ ଦାବି କରାଯାଇଛି। ସେହିପରି ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ବାବଦରେ ୧ ଲକ୍ଷ ୧୦ ହଜାର ୪୩୪ କୋଟି ଟଙ୍କା ଦାବି କରାଯାଇଛି। ସହରାଞ୍ଚଳ ବିକାଶ ପାଇଁ ୧ ଲକ୍ଷ ୩୬ କୋଟି ଟଙ୍କା ଦାବି । ଏସଡିଆରଏଫ ପାଇଁ ୩୧ ହଜାର ୪ କୋଟି ଟଙ୍କା ଦାବି ହୋଇଥିବା ବେଳେ ଏସଡିଏମଏଫ ପାଇଁ ୨୯ ହଜାର ୨୫୨ କୋଟି ଟଙ୍କାର ଦାବି ଉପସ୍ଥାପନ କରାଯାଇଛି ।

# ବିଜେଡିର ସାଂଗଠନିକ ନିର୍ବାଚନ ରଣନୀତି ବୈଠକ

ଭୁବନେଶ୍ୱର(ଭିଓଭି): ଓଡ଼ିଶାର ମୁଖ୍ୟ ବିରୋଧୀ ଦଳ ବିଜୁ ଜନତା ଦଳ ଏପ୍ରିଲ୍ ପ୍ରଥମ ସପ୍ତାହ ସୁଦ୍ଧା ଦଳର ସାଂଗଠନିକ ନିର୍ବାଚନ ଶେଷ କରିବାକୁ ଯାଉଛି ବୋଲି ଦଳର ବରିଷ୍ଠ ନେତା ପ୍ରଦୀପ କୁମାର ଅମାତ କହିଛନ୍ତି। ସୋମବାର ଭୁବନେଶ୍ୱରର ଶଙ୍ଖ ଭବନରେ ଆୟୋଜିତ ଦଳର ସମନ୍ୱୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ଘୋଷଣା କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପରେ ବିଜେଡି ନେତା ପ୍ରଦୀପ କୁମାର ଅମାତ ସବିଶେଷ ତଥ୍ୟ ପ୍ରକାଶ କରିଛନ୍ତି। ଏହି ବୈଠକରେ ପ୍ରସନ୍ନ ଆଚାର୍ଯ୍ୟ, ଅତନୁ ସବ୍ୟସାଚୀ ନାୟକ, ପ୍ରମିଳା ମଲ୍ଲିକ ଏବଂ ସମନ୍ୱୟ କମିଟିର ୧୩ ଜଣ ସଦସ୍ୟ



ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ରାଜ୍ୟ ରିଟର୍ଣ୍ଣିଂ ଅଧିକାରୀ ପ୍ରତାପ କେଶରୀ ଦେବ ସାଂଗଠନିକ ନିର୍ବାଚନ ପ୍ରକ୍ରିୟାର ବିସ୍ତୃତ ସମୀକ୍ଷା ପ୍ରଦାନ କରିଥିଲେ। ନିର୍ବାଚନମଣ୍ଡଳୀ ଏବଂ ଜିଲ୍ଲାସ୍ତରୀୟ ନେତାଙ୍କ ପରାମର୍ଶ ନେଇ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ଅମାତ କହିଛନ୍ତି। ଫେବୃଆରୀ ପ୍ରଥମ ସପ୍ତାହରେ ଜିଲ୍ଲା ରିଟର୍ଣ୍ଣିଂ ଅଫିସରମାନଙ୍କୁ ନିଯୁକ୍ତ କରାଯିବ, ତା'ପରେ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର (ଆରଓ) ଏବଂ ଅନ୍ୟାନ୍ୟ ଅଧିକାରୀ ନିଯୁକ୍ତ ହେବେ। ସମସ୍ତ କାର୍ଯ୍ୟନିର୍ବାହୀ କମିଟି ଏବଂ ରାଜ୍ୟ ପରିଷଦର ସଦସ୍ୟମାନଙ୍କ ପାଇଁ ସମଗ୍ର ନିର୍ବାଚନ ପ୍ରକ୍ରିୟା ପାରମ୍ପରିକ ଓଡିଆ ନୂଆ ବର୍ଷ ପୂର୍ବରୁ ଏପ୍ରିଲ୍ ? ମାସର ପ୍ରଥମ ସପ୍ତାହ ସୁଦ୍ଧା ଶେଷ ହେବ ବୋଲି ଅମାତ ସ୍ପଷ୍ଟ କରିଛନ୍ତି। ସେ ଆହୁରି ସ୍ପଷ୍ଟ କରିଛନ୍ତି ଯେ, କାର୍ଯ୍ୟନିର୍ବାହୀ କମିଟି ଏବଂ ରାଜ୍ୟ ପରିଷଦର ନୂତନ ନିର୍ବାଚିତ ସଦସ୍ୟମାନେ ପରବର୍ତ୍ତୀ ସମୟରେ ଦଳର ସଭାପତି ଚୟନ କରିବେ। ସାଂଗଠନିକ ନିର୍ବାଚନ ପାଇଁ ପ୍ରସ୍ତୁତି ବେଳେ ଦଳ ପୂର୍ବରୁ ବିଜୁ ମହିଳା ଜନତା ଦଳ, ବିଜୁ ଜନତା ଜନତା ଦଳ, ବିଜୁ ଛାତ୍ର ଜନତା ଦଳ, ବିଜୁ ଶ୍ରମିକ ସାମ୍ମୁଖ୍ୟ ଏବଂ ଲିଗାଲ୍ ସେଲ୍ ସମେତ ସମସ୍ତ ରାଜ୍ୟସ୍ତରୀୟ ସାମ୍ମୁଖ୍ୟ ତଥା ସଂଗଠନକୁ ବିଲୋପ କରି ଦେଇଥିଲା। ବିଭିନ୍ନ ଦଳୀୟ ସଂଗଠନ ପାଇଁ ନିର୍ବାଚନ ଚାରିଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ।

## ୧୩ ଫେବ୍ରୁଆରିରୁ ବିଧାନସଭା ବଜେଟ୍ ଅଧିବେଶନ

ଭୁବନେଶ୍ୱର, (ଭିଓଭି): ଫେବ୍ରୁଆରି ୧୩ରୁ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏନେଇ ଫେବ୍ରୁଆରି ୧୨ ତାରିଖରେ ବିଧାନସଭାର



ସର୍ବଦଳୀୟ ବୈଠକ. ପୂର୍ବାହ୍ନ ୧୧ରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଫେବ୍ରୁଆରି ୧୭ରେ ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରାଯିବ।

# ମୁଖ୍ୟ ଶାସନ ସଚିବଙ୍କ ବିଭାଗୀୟ କାର୍ଯ୍ୟର ସମୀକ୍ଷା ବୈଠକ

ଭୁବନେଶ୍ୱର (ଭିଓଭି): ମୁଖ୍ୟ ଶାସନ ସଚିବଙ୍କ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଗତ ଡିସେମ୍ବର ମାସରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକର ନିଷ୍ପତ୍ତି ମୁତାବକ କି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସଂପର୍କରେ ସମୀକ୍ଷା କରାଯାଇଥିଲା। ସେହିପରି ଗତ ଡିସେମ୍ବର ମାସରେ ଅନୁଷ୍ଠିତ ୪ର୍ଥ ମୁଖ୍ୟ ଶାସନ ସଚିବସ୍ତରୀୟ ଜାତୀୟ ସମ୍ମିଳନୀରେ ଆୟୋଜିତ ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ସଫଳତାର ସହିତ ଅନୁଷ୍ଠିତ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟ



ସରକାରଙ୍କୁ ପ୍ରଶଂସା କରାଯାଇଥିବା ମୁଖ୍ୟ ଶାସନ ସଚିବ ଅବଗତ କରିବା ସହିତ ଏହାର ଆୟୋଜନରେ ସହଯୋଗ କରିଥିବା ସମସ୍ତ ବିଭାଗ ତଥା ସହଯୋଗୀ ଅନୁଷ୍ଠାନମାନଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଶାସନ ପ୍ରକ୍ରିୟାରେ ଗୁଣାତ୍ମକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ କାର୍ଯ୍ୟ ସଂପାଦନ ବେଳେ କୃତ୍ରିମ ବୁଦ୍ଧିମତା (ଏଆଇ)ର ଆବଶ୍ୟକତା ଓ ପ୍ରୟାଗ ବୃଦ୍ଧି ପାଇଥିବାରୁ ଏ ସଂପର୍କରେ ଏକ ଗବେଷଣାଭିତ୍ତିକ ଇକୋ ସିଷ୍ଟମ ସୃଷ୍ଟି କରିବା ପାଇଁ ପ୍ରସ୍ତୁତି କରିବାକୁ ଇଲୋକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗକୁ ପରାମର୍ଶ ଦିଆଯାଇଛି । ଆଗାମୀ ବିଧାନସଭା ଅଧିବେଶନକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରସ୍ତୁତି, ରଥଯାତ୍ରା ୨୦୨୫ ପାଇଁ ପ୍ରସ୍ତୁତି ସଂପର୍କରେ ଆସନ୍ତା ମାର୍ଚ୍ଚ ମାସରେ ବୈଠକ କରାଯିବା, ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଚିଠା ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତାବ ଉପସ୍ଥାପନା ସଂପର୍କରେ ଆଲୋଚନା କରାଯାଇଥିଲା। ଟିପିସିଓଡିଏଲ ତରଫରୁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ଶେଷ ପଏଣ୍ଟ ପର୍ଯ୍ୟନ୍ତ ଟ୍ରାନ୍ସଫରମରର କାର୍ଯ୍ୟ ଯାଞ୍ଚ ଓ ତଦାରଖ ପାଇଁ ଏକ କେନ୍ଦ୍ରୀୟ ବ୍ୟବସ୍ଥା ବିକଶିତ କରାଯାଇଛି । ଏହି ବ୍ୟବସ୍ଥା ମଧ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଜଳ ସଂପଦ ବିଭାଗ ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଏବଂ ଉଠାଜଳସେଚନ ପଏଣ୍ଟ କ୍ଷେତ୍ରରେ ଲାଗୁ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଗତ ବିଜ୍ଞପ୍ତି ଅନୁସାରେ ରହିଥିବା ସେବାଗୁଡିକ ଜନସାଧାରଣଙ୍କୁ ଯେପରି ଅନ୍ ଲାଇନ୍ ମୋଡରେ ନିର୍ଦ୍ଧାରିତ ସମୟ ଭିତରେ ମିଳିପାରିବ, ସେଥିପ୍ରତି ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ସମୀକ୍ଷା କରି ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି । ଆଗାମୀ ଫେବୃଆରୀ ୧୫ ତାରିଖ ସୁଦ୍ଧା ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବା ପ୍ରଦାନର ସ୍ଥିତି ସଂପର୍କରେ ପୂର୍ଣ୍ଣ ବିବରଣୀ ଜଣାଇବାକୁ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭସ (ସିଏମଜିଆଇ) ତରଫରୁ ସଚିବସ୍ତରୀୟ ବୈଠକରେ ହେଉଥିବା ନିଷ୍ପତ୍ତି କାର୍ଯ୍ୟକାରିତା ସଂପର୍କରେ ଅନୁଧ୍ୟାନ ତଥା ତଦାରଖ ପାଇଁ ଏକ ପୋର୍ଟାଲ "ମିଟିଂ ଡିସିସନ ମନିଟରିଂ ସିଷ୍ଟମ (ଏମଡିଏମଏସ)" ବ୍ୟବହାର ସଂପର୍କରେ ଏକ ପ୍ରଦର୍ଶନ କରାଯାଇଥିଲା, ଯଦ୍ଦ୍ୱାରା କି ସଚିବମାନେ ଏହାକୁ ବ୍ୟବହାର କରି ନିଜ ନିଜ ବିଭାଗ ସମ୍ପର୍କିତ କାର୍ଯ୍ୟାନୁଷ୍ଠାନ ନେବାରେ ସହଜ ହୋଇପାରିବ । ସଂସ୍କାର ପାଇଁ ସମବାୟ ବିଭାଗକୁ ଏଥିରେ ରହିଥିବା ବ୍ୟବସ୍ଥାର ତର୍ଜମା କରି ଆବଶ୍ୟକ ପ୍ରସ୍ତାବ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।

# ଫେବୃଆରୀ ୨୪ କୃଷକଙ୍କ ଖାତାକୁ ଆସିବ ପିଏମ କିଷାନର ୧୯ତମ କିସ୍ତି



ନୂଆଦିଲ୍ଲୀ, (ଭିଓଭି): ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୧୯ତମ କିସ୍ତି କେନ୍ଦ୍ର ସରକାର ଫେବୃଆରୀ ଶେଷ ସୁଦ୍ଧା ଜାରି କରିବେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀ ୨୪ରେ ବିହାର ଗସ୍ତରେ ଯାଇ କୃଷି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିବେ ଏବଂ ତା'ପରେ ସେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୧୯ତମ କିସ୍ତି ବଣ୍ଟନ କରିପାରନ୍ତି।ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ଲାଭ ପାଇବା ପାଇଁ ଇ-କେୱାଇସି ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୫ ଅକ୍ଟୋବର, ୨୦୨୪ରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାର ୧୮ତମ କିସ୍ତି ଜାରି କରିଥିଲେ। ପିଏମ କିଷାନ ଏକ କେନ୍ଦ୍ର ସରକାରଙ୍କ ଯୋଜନା, ଯାହା ଭାରତ ସରକାରଙ୍କ ଦ୍ୱାରା ୧୦୦% ପାଣ୍ଠି ପ୍ରଦାନ କରାଯାଏ। ଏହା ଅଧୀନରେ କିସ୍ତି ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୁଏ। ଏହି ଯୋଜନା ଅଧୀନରେ, ପ୍ରତି ଚାରି ମାସରେ ୨୦୦୦ ଟଙ୍କାର ତିନୋଟି ସମାନ କିସ୍ତିରେ ବାର୍ଷିକ ୬,୦୦୦ ଟଙ୍କା ଜମିଧାରୀ ଚାଷୀ ପରିବାର (ଯାହାଙ୍କ ନାମରେ ଚାଷଯୋଗ୍ୟ ଜମି ଅଛି) ମାନଙ୍କର ଆଧାର-ସଂଲଗ୍ନ ବ୍ୟାଙ୍କ ଆକାଉଣ୍ଟରେ ପଠାଯାଏ।

# କଟକ ବାଲିଯାତ୍ରାକୁ ମିଳିଲା 'ଜାତୀୟ ମାନ୍ୟତା'



ଭୁବନେଶ୍ୱର(ଭିଓଭି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପ୍ରତିଶ୍ରୁତି ରଖିଛନ୍ତି। ତାଙ୍କର ପ୍ରତିଶ୍ରୁତି ଅନୁସାରେ କଟକ ବାଲିଯାତ୍ରାକୁ 'ଜାତୀୟ ମାନ୍ୟତା' ମିଳିଛି। ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ 'ଜାତୀୟ ମାନ୍ୟତା' ନେଇ ସୂଚନା ଜାରି ହୋଇଛି। ଆଜି ରାଜ୍ୟସଭାରେ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ସୂଚନା ଦେଇଛନ୍ତି। କଟକ ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ଦିଆଯିବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ସେଥିପାଇଁ ବିଭିନ୍ନ ଜାତୀୟସ୍ତର କାର୍ଯ୍ୟକ୍ରମରେ ଏ ନେଇ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି। ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ଦେବାକୁ ପ୍ରଶାସନିକସ୍ତରରେ କମିଟି ଗଠନ କରାଯାଇଛି। ଗତବର୍ଷ କଟକ ବାଲିଯାତ୍ରାରେ ୧୪ଟି ଦେଶର ରାଷ୍ଟ୍ରଦୂତ ଓ ସେମାନଙ୍କ ପ୍ରତିନିଧି ବାଲିଯାତ୍ରାର ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡୋନେସିଆର ବାଲିରେ କଟକର ଐତିହାସିକ ବାଲିଯାତ୍ରା ସଂପର୍କରେ କହିଥିବା ବେଳେ ନିକଟରେ ଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ବି ପ୍ରଧାନମନ୍ତ୍ରୀ ଯୋଗଦେଇ ବାଲିଯାତ୍ରା କଥା କହିବା ସହ ବାଲିଯାତ୍ରା ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆମ ବୈଷୟିକ କୌଶଳ ସେଭଳି ଉନ୍ନତ ନଥିବା ସମୟରେ ଦୁଃସାହିକ ସମୁଦ୍ର ଯାତ୍ରା କରି ଓଡ଼ିଆ ସାଧବ ପୁଅ ଇଣ୍ଡୋନେସିଆ, ଜାଭା, ସୁମାତ୍ରାକୁ ଯାଇ ନୌବାଣିଜ୍ୟ ସଂପର୍କ ରଖିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ ମହାନଦୀ ତଟରେ ଆୟୋଜନ ହେଉଥିବା ବାଲିଯାତ୍ରା ସଂପର୍କରେ ବର୍ଣ୍ଣନା କରିଥିଲେ। ଗତବର୍ଷ ବାଲିଯାତ୍ରାରେ ଯେଉଁ ସ୍ମରଣିକା ପ୍ରକାଶ ପାଇଥିଲା। ସେଥିରେ ପ୍ରଧାନମନ୍ତ୍ରୀ ବାଲିଠାରେ କଟକ ବାଲିଯାତ୍ରା ସଂପର୍କରେ ଦେଇଥିବା ଅଭିଭାଷଣକୁ ସ୍ଥାନ ଦିଆଯାଇଛି।

# ବ୍ଲକ ଇସି ସଦସ୍ୟାଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ

ରାମନାଗୁଡ଼ା (ଭିଓଭି) : ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ଅଧୀନରେ କାର୍ଯ୍ୟରତ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଙ୍ଘ ତରଫରୁ ଏକ ଦାବିପତ୍ର ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ଜରିଆରେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟ ରେ ମଙ୍ଗଳବାର ଦିନ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜୀବିକା ମିଶନ ଓ ମିଶନ ଶକ୍ତିର ତୃଣମୂଳ ସ୍ତରରେ ଥିବା ଇସି ସଦସ୍ୟାଙ୍କ ରିଷ୍ଟରକୋରେିଂ ବନ୍ଦ କରିବା। ସି. ଏଲ. ଏଫ, ଜିପିଏଲଏଫ, ବିଏଲଏଫ ଥିବା ଇସି ସଦସ୍ୟା ଙ୍କୁ ସ୍ଥାୟୀ ନିଯୁକ୍ତି ସହିତ ଭାରତୀୟ ଶ୍ରମ ସମ୍ମିଳନୀ ୪୫ ଓ ୪୬ତମ ପ୍ରସ୍ତାବନା ଏହି ଯୋଜନାର କର୍ମୀ ମାନଙ୍କୁ ୱାର୍କର ମାନ୍ୟତା ସୁପାରିଶ କାର୍ଯ୍ୟକାରୀ କରିବା ସେହିପରି ମିଶନ ଶକ୍ତି ଇସି ମାନଙ୍କୁ ମାସିକ ମାନଦେୟ ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ହାରରେ ପ୍ରଦାନ କରିବା। ସମଗ୍ର ଓଡ଼ିଶାରେ ଦୁଇ ହଜାର ସେପ୍ଟେମ୍ବର ମାସ ଠାରୁ କେତେକ ଜିଲ୍ଲାରେ ଅଧିକା ମାସର ବକେୟା ପ୍ରାପ୍ୟ ପ୍ରଦାନ କରାଯାଇ ନାହିଁ। ଇସି ମାନଙ୍କୁ ମୁଣ୍ଡ ପିଛା ହାରରେ ଭତ୍ତା ପ୍ରଦାନ କରାଯାଉ ବୋଲି ଦାବି କରିଥିବା ବେଳେ ଗ୍ରାମ ପଞ୍ଚାୟତରେ ୨୦ ରୁ ୨୫ ଜଣ ଇସି ଙ୍କ ମଧ୍ୟରେ ବଣ୍ଟନ କରାଯାଇ ଦିଆ ଯାଉଥିବା ସ୍ୱଳ୍ପ ଭତ୍ତା ଅନ୍ୟାୟର ପୂର୍ଣ୍ଣଚ୍ଛେଦ କରିବା। ସହରାଞ୍ଚଳରେ କାର୍ଯ୍ୟରତ ଇସିଙ୍କୁ କୌଣସି ଭତ୍ତା ଦିଆ ଯାଉନଥିବାରୁ ସେମାନଙ୍କୁ ମାସିକ ଭତ୍ତା ସୁନିଶ୍ଚିତ କରିବା ସହିତ ଇସି ମାନଙ୍କୁ ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ସିଆରପି ଏବଂ ଏମବିକେ ପଦବୀ କୁ ପଦୋନ୍ନତି ଦେବା। ମିଶନ ଶକ୍ତ ଅଧିନସ୍ତ ଜୀବିକା ମିଶନ ଓ ମିଶନ ଶକ୍ତି ଇସି ମାନଙ୍କୁ ସାମାଜିକ



ନିରାପତ୍ତା ପ୍ରଦାନ କରାଯାଉ। ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ମହିଳାଙ୍କୁ ମାସିକ ଏକ ହଜାର ଟଙ୍କା ହାରରେ ସଶକ୍ତିକରଣ ଭତ୍ତା ପ୍ରଦାନ କରିବା। ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆରପି ଓ ଏମବିକେ ଇତ୍ୟାଦି କମ୍ୟୁନିଟି ସପଟ ଷ୍ଟାଫଙ୍କୁ ସ୍ଥାୟୀ କରିବା ସହିତ ତାଙ୍କ ବକେୟା ଭତ୍ତା ତୁରନ୍ତ ପ୍ରଦାନ କରାଯାଉ ବୋଲି ଦାବିପତ୍ର ରେ ଉଲ୍ଲେଖ କରିଥିବାବେଳେ ଏହିପରି ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଦାବିପତ୍ର ମାଧ୍ୟମରେ ରାଜ୍ୟ ସରକାର ଙ୍କୁ ନିଜ ଦାବି ଜଣାଇଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ମିଶନ ଶକ୍ତି ଇସି ବ୍ଲକ ସ୍ତରୀୟ ଫେଡେରେସନ ସଭାପତି ଆରତୀ ମୁଟିକା, ସମ୍ପାଦିକା ସଙ୍ଗୀତା ପ୍ରଧାନ, କୋଷାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ, ସଭାନେତ୍ରୀ ସୁଶିଳା ମହାପାତ୍ର, ମାଳତୀ ମୁଟିକା ,ଲକ୍ଷ୍ମୀ ମାଣ୍ଡାଙ୍ଗି, ରେବତୀ ଶବର, ଭାନୁମତୀ ଗମାଙ୍ଗ, ରୂପା ଶବର, ସ୍ୱର୍ଣ୍ଣଲତା ଗମାଙ୍ଗ ପ୍ରମୁଖଙ୍କ ସମେତ ଶତାଧିକ ଇସି ସଦସ୍ୟା ଯୋଗ ଦେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ବିଶ୍ୱ କର୍କଟ ଦିବସ ଅବସରରେ କ୍ରାନ୍ତି ତରଫରୁ ଦେଶବାସୀଙ୍କୁ ଆହ୍ୱାନ

ବ୍ରହ୍ମପୁର, (ଭିଓଭି): ରିଖି ବିଶ୍ୱ କର୍କଟ ଦିବସ ଅବସରରେ 'ଆସ ମିଳିମିଶି ସଚେତନ କରିବା, କର୍କଟ ମୁକ୍ତ ଭାରତ ଗଠନ କରିବା' ଏହି ବାର୍ତ୍ତା ଦେଶବାସୀଙ୍କୁ ଆହ୍ୱାନ ଦେବାପାଇଁ ବ୍ରହ୍ମପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ଓ ବିଶାଖାପାଟଣା ସ୍ଥିତ ମହାତ୍ମାଗାନ୍ଧୀ କ୍ୟାନ୍ସର ହସପିଟାଲ ଓ ରିସର୍ଚ୍ଚ ସେଣ୍ଟର ଉଦ୍ୟମରେ ବ୍ରହ୍ମପୁର ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ଖେଳ ପଡିଆ ଠାରେ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼ ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଏମସି ର ମେୟର ସଂଘମିତ୍ରା ଦଳେଇ,ପୂର୍ବତନ ଓଡ଼ିଶା କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବିଶାଖାପାଟଣା ସ୍ଥିତ ମହାତ୍ମାଗାନ୍ଧୀ କ୍ୟାନ୍ସର




ହସପିଟାଲ ଓ ରିସର୍ଚ୍ଚ ସେଣ୍ଟର ର ବରିଷ୍ଠ ରେଡିଆସାନ ଓଙ୍କୋଲଜୀ ଡାକ୍ତର କାହ୍ନୁ ଚରଣ ପାତ୍ର,ବ୍ରହ୍ମପୁର ବରିଷ୍ଠ ମଧୁମେୟ ଡାକ୍ତର ସୁନିଲ କୋଟା, ଏମ .କେ.ସି.ଜି ମେଡିକାଲ କଲେଜ ଓ ହସପିଟାଲର ଟିବି ଓ ଚେଷ୍ଟର ଏସୋସିଏଟ ପ୍ରଫେସର ଡାକ୍ତର ପ୍ରୀୟଜୀତ ଜେନା, ମନୁ ସେନା ର ଚେୟାରପର୍ସନ ମୀନା ଦ୍ୟାନ ସାମନ୍ତରାୟ, ସାମନ୍ତରାୟ ଏକାଡେମୀ ର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ଓ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ଅଧକ୍ଷ ଇଁ ରଞ୍ଜନ କୁମାର ପରିଡ଼ାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ବିଶ୍ୱ କର୍କଟ ଦିବସ ଅବସରରେ ଜନସାଧାରଣଙ୍କୁ କର୍କଟ ରୋଗର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଇଥିଲେ। ବ୍ରହ୍ମପୁର ସହର ର ଏସଡିପିଓ, ରିସର୍ଭ ଇନ୍ସପେକ୍ଟର,ଅନ୍ୟାନ୍ୟ ପୋଲିସ କର୍ମଚାରୀ, ସମସ୍ତ ଗଣ ମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ବିଶାଳ ସମାରୋହ କାର୍ଯ୍ୟକ୍ରମକୁ ବିଜେପି ନେତା ରାମ ସାମଲ , କ୍ରାନ୍ତି ଅନୁଷ୍ଠାନର ଦେବରାଜ ରାଉତ, ନିର୍ମଳା ଦାଶ , ଅରୁଣ ପଟ୍ଟନାୟକ,ଚର୍ଚ୍ଚିକା ଦାଶ , ଚିନ୍ମୟାନନ୍ଦ ଦାଶ , ବି ସଂଜୟ ପାତ୍ର, ଆଶିଷ ବେହେରା, ଦିଲେଶ ରାଓ, ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ମହାତ୍ମାଗାନ୍ଧୀ କ୍ୟାନ୍ସର ହସପିଟାଲ ଓ ରିସର୍ଚ୍ଚ ସେଣ୍ଟରର ଏ. ପ୍ରତାପ ରାଓ, ପି. ଆନନ୍ଦ ରାଓ ଓ ଗୌତମ , ଆଇ ଟି ଆଇ ର ରତିକାନ୍ତ ପରିଡ଼ା,ଟୁଟୁ ପାଢ଼ି ସମେତ ସମସ୍ତ ଟିଓ ଓ ଏ ଟି ଓ,କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତି ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଡ଼ଃ ଦେବାନନ୍ଦ ଦାଶ ସମସ୍ତଙ୍କୁ ସହଯୋଗ ପାଇଁ ହୃଦୟରୁ ଧନ୍ୟବାଦ ଦେଇଥିଲେ।

# Climate Change and the Role of Radio in Creating Awareness

Climate change is one of the most pressing global challenges of our time. Rising temperatures, melting glaciers, unpredictable weather patterns, and increasing natural disasters are stark reminders of the impact human activities have on our planet. Addressing climate change requires collective action, and effective communication plays a crucial role in mobilizing communities. Among the various communication tools available, radio has emerged as a powerful medium to spread awareness, educate the masses, and inspire action.

**The Urgency of Climate Change**

Climate change is not just an environmental issue—it's a social, economic, and humanitarian crisis. The rise in global temperatures has disrupted ecosystems, endangered species, and exacerbated health issues. Vulnerable populations, especially in developing countries, bear the brunt of these changes. Despite efforts like the Paris Agreement, achieving climate goals requires active participation from individuals and communities worldwide.

**Why Radio Matters**

Radio, with its unparalleled reach and accessibility, holds a unique position in the fight against climate change. According to UNESCO, radio is the most widely consumed medium globally, particularly in rural and remote areas where other forms of media may not penetrate. This makes it an ideal platform for climate change communication.

**1. Wide Reach and Accessibility**

Radio transcends barriers of literacy, language, and geography. It reaches remote regions, giving even the most marginalized communities access to vital information. This is crucial for spreading climate awareness in areas prone to natural disasters or those heavily dependent on agriculture.

**2. Localized Content**

One of the strengths of radio is its ability to provide localized content. Community radio stations can focus on region-specific climate issues, such as deforestation, water scarcity, or the impacts of extreme weather. This helps listeners connect with the message on a personal level.




**3. Interactive Communication**

Many radio programs allow listeners to call in, share their experiences, and ask questions. This two-way communication fosters community engagement and provides a platform for local voices to be heard. For example, farmers can share how changing rainfall patterns affect their crops, prompting discussions on adaptive strategies.

**4. Disaster Preparedness and Response**

In times of climate-related disasters, radio serves as a lifeline. It provides real-time updates, safety instructions, and relief information. Early warning systems broadcast via radio can save lives and reduce damage.

**Radio Campaigns for Climate Action**

Radio can amplify climate campaigns by collaborating with governments, NGOs, and environmental organizations. Programs focusing on sustainability, renewable energy, and conservation can inspire listeners to take small but impactful actions. Campaigns like **"Plant a Tree," "Save Water," or "Say No to Plastic"** can become movements through consistent radio messaging.

**Success Stories**

Radio has already proven its effectiveness in climate communication. In countries like India and Kenya, community radio stations have educated farmers about climate-resilient agricultural practices. Similarly, international radio networks like BBC World Service have aired programs highlighting global climate challenges and solutions.

**The Way Forward**

To maximize the potential of radio in combating climate change, it is essential to:

**Invest in Community Radio:** Governments and NGOs should support community radio stations with funding and technical resources to produce high-quality, localized climate content. These stations can bridge the gap between scientific knowledge and grassroots communities.

**Integrate Technology:** Leveraging mobile phones alongside radio can enhance the reach and interactivity of programs. Listeners can receive alerts, updates, and tips via SMS or apps linked to radio broadcasts.

- Engage Youth and Influencers: By involving local youth and influencers, radio campaigns can become more relatable and appealing to younger audiences. Youth-driven content can inspire proactive participation in climate action.

**- Collaborate with Experts:** Programs that feature environmental scientists, policy makers, and activists can provide reliable information and debunk myths about climate change, fostering trust and action.

- Create Entertaining Content: Radio dramas, songs, and storytelling about climate issues can make learning engaging. Such creative approaches can connect with people emotionally, making the message memorable.

**Conclusion**

Climate change demands urgent attention and collective action. Radio, as a trusted and accessible medium, can play a pivotal role in educating and empowering communities to combat this global crisis. By spreading awareness, encouraging sustainable practices, and connecting people with solutions, radio becomes not just a medium of communication but a catalyst for change.

As the world grapples with the climate challenge, let us leverage the power of radio to inspire a global movement—one that transcends boundaries, unites communities, and safeguards the planet for future generations.


**Nihar Ranjan Acharya**

***Science Communicator and Environmentalist, Scientific Officer, Indian Climate Congress***
***Founder and Working Director, TRUST - a Science and Environment Lover Organization***
***Ph. 8249775817***
*Email: niharacharya1973@gmail.com*

# Arthritis and Electrohomeopathy treatment

Arthritis is inflammation or degeneration of one or more joints. A joint is the area where 2 bones meet. There are more than 100 different types of arthritis. It is a condition that causes inflammation and pain in the joints. It tends to make movement difficult and uncomfortable as the cushioning tissue between bones is affected, leading to stiffness, swelling, and sometimes difficulty in using the affected joints. Arthritis comes in various forms and can affect people of different ages, impacting their daily activities and overall quality of life. While Osteoarthritis happens when the protective tissue covering your bones, called cartilage, starts to wear away, rheumatoid arthritis is when your body's defense system attacks your joints, starting with the lining. Gout, another kind of arthritis, is caused by crystals forming in your joints due to too much uric acid in your blood. Other types of arthritis can be caused by infections or underlying diseases like psoriasis or lupus. The treatments for arthritis depend on which type you have.

Most common signs of Arthritis

When you have arthritis, the main things you might notice are in your joints. It can be different for each person, but common signs include:

Pain: Your joints may hurt.

Stiffness: You might feel like your joints don't move as easily. Swelling: Sometimes your joints can get puffy.

Redness: Your joints might look a bit red.

Decreased range of motion: It could be harder to move your joints like you used to.

How is Arthritis Cured by Electrohomeopathy?

Electrohomeopathy is a powerful method for treating arthritis by addressing the overactive immune system. It helps reduce joint inflammation and symptoms like swelling, pain, and stiffness. Electrohomeopathy provides a variety of medicines for arthritis, with the most suitable one chosen based on a detailed analysis of individual symptoms. Electrohomeopathy treatment has the potential to restore joint health permanently. It's essential to consult a good Electrohomeopath doctor who will consider you as an individual, and customize the treatment to your specific needs.


**Dr. Prasant Sabat**
Electro homeopathy practitioner
Mob: 9337117133

# ମାଂସାହାରୀ ଓ ଶାକାହାରୀ

ମଣିଷର ଖାଦ୍ୟାଭ୍ୟାସ ଅନେକାଂଶରେ ଭୌଗଳିକ ପରିସ୍ଥିତି ଅନୁଯାୟୀ ଉପଲବ୍ଧ ହେଉଥିବା ଖାଦ୍ୟ ଓ ନିଜସ୍ୱ ରୁଚି ଉପରେ ନିର୍ଭର କରେ । ତେବେ ଶାରୀରିକ ଗଠନ ଓ ଜନ୍ମଜାତ ପ୍ରବୃତ୍ତିରୁ, ମଣିଷ ଯେ, ଶାକାହାରୀ ଏଥିରେ କୌଣସି ସନ୍ଦେହ ନାହିଁ।





ଆଦିମ ପ୍ରସ୍ତର ଯୁଗରୁ କୃଷିର କୌଶଳ ଜାଣି ନଥିବା ମଣିଷ ପ୍ରଥମେ ପଶୁପକ୍ଷୀଙ୍କ କଞ୍ଚାମାଂସ ଓ ପରେ ପୋଡାମାଂସକୁ ନିଜର ଖାଦ୍ୟ ରୂପେ ଗ୍ରହଣ କରିଥିଲା । ଶାରୀରିକ ଗଠନ ପ୍ରକ୍ରିୟାରୁ ମଣିଷ ଶାକାହାରୀ, ଏହା ସ୍ପଷ୍ଟ ବାରି ହୋଇଯାଏ । ଏଥିପାଇଁ କେତେକ ବିଜ୍ଞାନ ସମ୍ମତ କାରଣକୁ ଅନୁଧ୍ୟାନ କରାଯାଇପାରେ ।

ପ୍ରଥମ କାରଣଟି ଅଧିକ ମହତ୍ତ୍ୱପୂର୍ଣ୍ଣ । ଖାଦ୍ୟ-ଖାଦକର ସଂପର୍କ ପ୍ରକୃତି ନିର୍ଦ୍ଧାରିତ । ଖାଦ୍ୟକୁ ଦେଖିଲେ, ଖାଦକର ସ୍ୱତଃ ଖାଦ୍ୟ ପ୍ରତି ଆସକ୍ତି ଆସିଯାଏ । ସେ ତତ୍କାଳ ଭକ୍ଷଣ କରିବାକୁ ଲାଳାୟିତ ହୁଏ କିନ୍ତୁ ଆମେ ଜୀବନ୍ତ ଓ ମୃତ ପଶୁକୁ ଦେଖିଲେ , ସେପରି କିଛି ଅନୁଭବ ହୋଇ ନଥାଏ । ଅନ୍ୟ ପକ୍ଷରେ ଆମେ ପାଚିଲା ଫଳ, ସବୁଜ ପନିପରିବା ଓ ମିଷ୍ଟାନ୍ନ ଦେଖିଲେ ଦେଖିଲେ ,ଆପେ ଆକର୍ଷିତ ହେଉ ।

ସମସ୍ତ ମାଂସାଶୀ ପ୍ରାଣୀ ଆଖି ବନ୍ଦ ଥିବା ଅବସ୍ଥାରେ ଜନ୍ମ ନିଅନ୍ତି । ଶାକାହାରୀ ପ୍ରାଣୀ ଖୋଲା ଆଖିରେ ହିଁ ପ୍ରଥମେ ଦୁନିଆ ଦେଖନ୍ତି।

ମାଂସାଶୀ ପ୍ରାଣୀଙ୍କର ଆବଶ୍ୟକତା ଦୃଷ୍ଟିରୁ, ଶାରୀରିକ ଗଠନରେ କେତେକ ସ୍ୱତନ୍ତ୍ରତା ଥାଏ ଯଥା ମୁନିଆ ଦାନ୍ତ, ପଞ୍ଝାରେ ଲୁକ୍କାୟିତ ଥିବା ତୀକ୍ଷ୍ଣ ନଖ, ଅନ୍ଧାରରେ ଦୃଷ୍ଟିଶକ୍ତି, ଜିଭରେ ଚାଟିଚାଟି ପାଣି ପିଇବାର କୌଶଳ ଇତ୍ୟାଦି । ଏହା ସେମାନଙ୍କ ଶରୀରକୁ ଶିକାର ଉପଯୋଗୀ କରିବା ସହିତ, ଶାକାହାରୀ ମାନଙ୍କ ଠାରୁ ପୃଥକ କରେ ।

ମାଂସାହାରୀ ପ୍ରାଣୀ ମାନଙ୍କର ସ୍ୱେଦ ଗ୍ରନ୍ଥି ନଥାଏ । ତେଣୁ ସେମାନଙ୍କ ଶରୀରରୁ ଝାଳ ନିର୍ଗତ ହୁଏ ନାହିଁ । ଶରୀରର ଅତ୍ୟଧିକ ଉତ୍ତାପ ଓ ଜଳୀୟ ଅଂଶକୁ ସେମାନେ ପାଟି ମେଲା ରଖି ନିର୍ଗତ କରିଥାନ୍ତି।

ପାକସ୍ଥଳୀର ଗଠନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସ୍ୱାଭାବିକ ଭାବେ ଆମିଶାଷୀ ପ୍ରାଣୀଙ୍କ

## ଜୀବଜଗତ

ପାକସ୍ଥଳୀ ମାଂସକୁ ହଜମ କରିବା ଉପଯୋଗୀ ହୋଇ ଥାଏ । ଅଜଗର ସାପ ଗିଳିଥିବା ହରିଣର ଶିଙ୍ଗ ଓ ଖୁରାକୁ ହଜମ କରିନିଏ । ବାଘର ଅନ୍ତଃନଳୀ ମାତ୍ର ବାର ଫୁଟ ଥିଲା ବେଳେ ଛେଳିର ଏହା ୨୮ ରୁ ୩୨ ଫୁଟ ଲମ୍ବ ହୋଇଥାଏ । ଯେଉଁ ଶାକାହାରୀ ମାନେ, ଆମିଷ ଭକ୍ଷଣ କରନ୍ତି, ସେମାନେ ଏହାକୁ ଶତ ପ୍ରତିଶତ ହଜମ କରି ପାରନ୍ତି ନାହିଁ । କେବଳ ୬୦-୭୦ ପ୍ରତିଶତ ମାଂସ ହଜମ ହୋଇ ଅବଶିଷ୍ଟ ଶରୀରରୁ ନିଷ୍କାସିତ ହୋଇଥାଏ । ଶାକାହାରଙ୍କ ପାକସ୍ଥଳୀରୁ ନିର୍ଗତ ହେଉଥିବା ପାଚକ ରସ ମାଂସକୁ ସଂପୂର୍ଣ୍ଣ ରୂପେ ହଜମ କରିବାକୁ ସକ୍ଷମ ହୋଇନଥାଏ । ଅନ୍ୟପକ୍ଷରେ ଶାକାହାର ଖାଦ୍ୟ ସମ୍ପୂର୍ଣ୍ଣ ରୂପେ ଓ ଶୀଘ୍ର ହଜମ ହୋଇଥାଏ ।

ମାଂସାଶୀ ପ୍ରାଣୀ ଶାକାହାରୀଙ୍କ ଠାରୁ ଅଧିକ ନିଦ୍ରାର ଆବଶ୍ୟକତା କରିଥାନ୍ତି । ଶାକାହାରୀ ପ୍ରାଣୀଙ୍କ ପାଇଁ ସାତଆଠ ଘଣ୍ଟାର ନିଦ ଯଥେଷ୍ଟ ହୋଇଥିଲା ବେଳେ , ମାଂସାଶୀ ପ୍ରାଣୀଙ୍କ ପାଇଁ ପ୍ରାୟ ପନ୍ଦରରୁ ଅଠର ଘଣ୍ଟା ନିଦ୍ରା ଆବଶ୍ୟକ ହୋଇଥାଏ।

ମାଂସାଶୀ ପ୍ରାଣୀ ଶାକାହାରୀଙ୍କ ଠାରୁ ଆଚାର ବ୍ୟବହାରରେ ମଧ୍ୟ ଭିନ୍ନ ହୋଇଥାନ୍ତି ଓ ସ୍ଥଳ ବିଶେଷରେ ହିଂସ୍ର ହୋଇଥାନ୍ତି । ଶାକାହାର ଖାଦ୍ୟ ଶରୀର ଉପରେ ସକାରାତ୍ମକ ମାନସିକ ପ୍ରଭାବ ପକାଇ ଥାଏ।

ମଣିଷ ସଂପୂର୍ଣ୍ଣ ଶାକାହାରୀ ହୋଇ ବଞ୍ଚିବା ସହଜ କିନ୍ତୁ ସଂପୂର୍ଣ୍ଣ ମାଂସାହାରୀ ହୋଇ ବଞ୍ଚିବା କଷ୍ଟକର । କେତେକ ବନ୍ଧୁ ଯୁକ୍ତି ବାଢ଼ନ୍ତି ଯେ ପ୍ରୋଟିନ ଏକ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟସାର, ଯାହା ଆମର ମାଂସପେଶୀ, ଅସ୍ଥି, ରକ୍ତକଣିକା ଓ ସୂକ୍ଷ୍ମ ତନ୍ତୁଞ୍ଚ (tissue) ର ଗଠନ ଓ ମରାମତିରେ ସହାୟକ ହୋଇଥାଏ । ମାଛ ଓ ମାଂସ ପ୍ରୋଟିନର ବଳିଷ୍ଠ ଉତ୍ସ ହୋଇଥିବାରୁ ଏହା ଖାଇବା ଉଚିତ।



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ବିଭିନ୍ନ ପ୍ରକାର ଡାଲି, ଆଲମଣ୍ଡ, ରାଜମା, କାଜୁ, କଖାରୁ ମଞ୍ଜି, ରାଶି (ଖସା), ସୂର୍ଯ୍ୟମୁଖୀ ମଞ୍ଜି, ବିନ୍ସ, ବୁଟ, ମଟର, ସୋୟାବିନ,ଓ ଖିସମିସରେ ପ୍ରଚୁର ପ୍ରୋଟିନ ମହଯୁଦ ଥାଏ । କେତେକ ଫଳ ଯଥା ପିଜୁଳି, ଜାମୁକୋଳି, ପଣସ ଓ ଆହୁରି ଅନେକ ଫଳରେ ପର୍ଯ୍ୟାପ୍ତ ପ୍ରୋଟିନ ଥାଏ। ଉଦ୍ଭିଦଜ ପ୍ରୋଟିନରେ ସାଚୁରେଟେଡ ଫ୍ୟାଟ ନଥାଏ । ଅତ୍ୟଧିକ ପ୍ରୋଟିନ ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ଶାକାହାରୀ, ମାଂସହାରୀଙ୍କ ଠାରୁ ଅଧିକ ଦିନ ବଞ୍ଚନ୍ତି । ସେମାନଙ୍କର ହୃଦଘାତ, ବ୍ଲଡପ୍ରେସର ତଥା ଅନ୍ୟ କେତେକ ରୋଗର ଆଶଙ୍କା ଅପେକ୍ଷାକୃତ କମଥାଏ। ପଶୁପକ୍ଷୀଙ୍କ ଠାରୁ ମଣିଷ ଦେହକୁ ସଙ୍କ୍ରମିତ ହୋଉଥିବା କେତେକ ରୋଗ ମଧ୍ୟରେ ଆନ୍ଥ୍ରାକ୍ସ, ଏଡ୍ସ, ସ୍ୱାଇନ୍ ଫ୍ଲୁ ଓ କରୋନା ଆଦି ଭୟଙ୍କର ରୋଗ ସବୁ ଅନ୍ତର୍ଭୁକ୍ତ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ଦୟାନଦୀ ପ୍ରଦୂଷଣର କାରଣ ଓ ନିରାକରଣ

ରାଜଧାନୀ ଭୁବନେଶ୍ୱର ଉପକଣ୍ଠସ୍ଥ ରୂପଦେଇପୁର ନିକଟସ୍ଥ 'କୁଆଖାଇ'ରୁ ବାହାରି ନିଳାମ୍ବୁ ଚିଲିକା ସହ ସଂକ୍ଷିପ୍ତ ଦୂରତ୍ୱରେ (ମାତ୍ର ୭୦କିମି) ସଂଯୋଗ କରୁଥିବା ଅବିଭକ୍ତ ପୁରୀ ଜିଲ୍ଲାର ଜୀବନ ରେଖା, କଳିଙ୍ଗ ଯୁଦ୍ଧର ମୂକସାକ୍ଷୀ, ପୂର୍ଣ୍ୟତୋୟା 'ଦୟାନଦୀ' ପ୍ରକୃତି ରାଣୀର ଏକ ଅନବଦ୍ୟ ଅବଦାନ। ମହାନଦୀ ଅବବାହିକାର ଏକ ବିସ୍ତୃତ ଅଞ୍ଚଳର ଜଳ ନିଷ୍କାସନ ଓ ଜଳ ସେଚନ ସହ ପାନୀୟ ଜଳରେ ଏକ ପ୍ରାକୃତିକ ଅବଦାନ ଦୟାନଦୀ ଏବେ ମନୁଷ୍ୟକୃତ ଅତ୍ୟାଚାରରେ ମୁମୂର୍ଷୁ ପ୍ରାୟ। ଦିନେ କଳକଳ ଛଳଛଳ ତାନରେ ପ୍ରବାହିତ ଏକାମ୍ର କ୍ଷେତ୍ରର ଗଙ୍ଗବତୀ ନଦୀ ଆଜି ଗଙ୍ଗୁଆ ନର୍ଦ୍ଦମାର ପରିଚୟ ନେଇ ପଡିରହିଥିବା ଭଳି ଦୟା ଏବେ ସମାନ ଦ୍ୱାରେ ପ୍ରପିଡିତ। ରାଜଧାନୀ ଭୁବନେଶ୍ୱର କ୍ରମ ବର୍ଦ୍ଧିଷ୍ଣୁ ଜନ ସଂଖ୍ୟାର ବୋଝ ଆଜି ଦୟାନଦୀକୁ ଅକାଳ ବାର୍ଦ୍ଧକ୍ୟର ତାଡ଼ନାରେ ଛଟପଟ କରୁଛି। ଦୟାନଦୀର କାଚ କେନ୍ଦୁ ଭଳି ଜଳରାଶି ପାଲଟିଛି ଉତ୍କଟ ବିଷ। ପାନୀୟ ତ ଦୂରର ଏହି ଜଳ ସର୍ବନିମ୍ନ ନିତ୍ୟକର୍ମ ଯୋଗ୍ୟ ନୁହେଁ ବୋଲି ଖୋଦ ରାଜ୍ୟ ସରକାର ୨୦୧୫ମସିହାରେ ଗଣମାଧ୍ୟମରେ ଘୋଷଣା କରିବା ସତ୍ତ୍ୱେ ଅଦ୍ୟାବଧି କୌଣସି ପଦକ୍ଷେପ ନେଲେ ନାହିଁ। ଦୟାନଦୀ କୂଳସ୍ଥ ବିସ୍ତୃତ ଅଞ୍ଚଳର ଭୂତଳ ଜଳ ପାନୀୟ ଅନୁପଯୋଗୀ କାରଣରୁ ଲୋକେ ବାଧ୍ୟତାମୂଳକ ଭାବରେ ଏହି ପାଣି ବ୍ୟବହାର କରି ନାନାଦି ଦୁଃସାଧ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରି ଆସୁଛନ୍ତି। ସଂପ୍ରତି ହଇଜାରେ ଏକାଧିକ ମୃତ୍ୟୁ ସଂଖ୍ୟାକୁ ଗଣମାଧ୍ୟମ ସାମନାକୁ ଆଣିବା ଫଳରେ ଟିକେ ହଲଚଲ ସୃଷ୍ଟି ହୋଇଛି। କିନ୍ତୁ ଏହି ଧାରା ଦୀର୍ଘ ୧୫ବର୍ଷ ତଳୁ ଚାଲି ଆସୁଛି।ଏହି ଜଳ ବ୍ୟବହାର କରି ଲୋକେ ଜଣ୍ଡିସ, ଚର୍ମରୋଗ, ପେଟରୋଗ ଆଦି ଦୁଃସାଧ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିବା ଧାରା ଲାଗି ରହିଛି।

'ନିର୍ମଳ ଦୟା ଅଭିଯାନ' ଏହି ସମସ୍ୟା ବିଗତ ପନ୍ଦର ବର୍ଷ ତଳୁ ଉଠାଇ ପ୍ରତିକାର ପାଇଁ ଜନଜାଗରଣ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଶତତ ଚେଷ୍ଟା ଅବ୍ୟାହତ ରଖିଛି। ହେଲେ ଏଦିଗରେ ସରକାର, ପ୍ରଶାସନ, ବିଶେଷ ଭାବରେ ଲୋକ ପ୍ରତିନିଧିମାନଙ୍କର ଆବଶ୍ୟକ ଗୁରୁତ୍ୱ ନାହିଁ।ଫଳରେ ନେଡିଗୁଡ଼ କହୁଣୀରେ ପହଞ୍ଚିଲା ଭଳି ସମସ୍ୟା ଏବେ ଗମ୍ଭୀର। ଦୟା ଏବେ ଆଉ ନଦୀ ହୋଇ ନାହିଁ, ଦୟା ପାଲଟିଛି ନର୍ଦ୍ଦମା।

**ପ୍ରତିକାର**

୧) ଗଙ୍ଗୁଆ ନର୍ଦ୍ଦମା ଜଳକୁ ଦୟା ନଦୀକୁ ନ ଛଡାଯାଇ, ବିଶୁଦ୍ଧ କରାଯାଇ କୃଷିକ୍ଷେତ୍ର ଓ କଳକାରଖାନାକୁ ଯୋଗାଇ ଦିଆଯାଉ।

୨) ବିଶେଷ ଭାବରେ କଣାସ କେନାଲରେ ଖରାଟିଆ ଫସଲ ପାଇଁ ପାଣି ଛଡାଯିବା ପୂର୍ବରୁ ବର୍ଷସାରା କେନାଲ ଦାଡିଆ ଲୋକେ ଜମାକରି ଥିବା ଆବର୍ଜନାକୁ ସଂପୂର୍ଣ୍ଣ ସଫେଇ କରାଯାଉ।

୩) ନଦୀରେ ପଡୁଥିବା ମାଛଧରା ବସାକୁ ସ ?ଂପୂର୍ଣ୍ଣ ନିଷେଧ କରାଯାଉ। ବିଶେଷ ଭାବରେ କଣାସ ବ୍ଲକର ଗୋପିନାଥପୁର ଓ କାଦୁଆ ପଞ୍ଚାୟତର ସବ୍ ଲିଜଧାରୀଙ୍କୁ ବସା ପ୍ରଣାଳୀ ଏବଂ ସାନପୁଟ,ବଡ଼ପୁଟ ପଞ୍ଚାୟତ ଆଖପାଖ ନଦୀରେ ଡିନାମାଇଟ ବିସ୍ଫୋରଣ କରି ମାଛ ମାଛ ଧରିବା ବ୍ୟବସ୍ଥା ସଂପୂର୍ଣ୍ଣ ବନ୍ଦ କରାଯାଉ।

୪) ପୋତି ହୋଇ ପଡିଥିବା ନଦୀଶଯ୍ୟାକୁ ଖନନ ସହ ନଦୀ କଣ୍ଡିଆରେ ନିର୍ମାଣକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଉ।

୫) ରେଳ ସମେତ ସ୍ଥାନୀୟ ଅଞ୍ଚଳର ଗାଡିମଟର ଧୂଆ ଡିଜେଲ, ପେଟ୍ରୋଲ, ମୋବିଲ୍ ମିଶ୍ରିତ ଆବର୍ଜନା ପାଣିକୁ ଦୟାନଦୀକୁ ଛାଡିବା ବନ୍ଦ କରାଯାଉ।

୬) ଭୁବନେଶ୍ୱର ଉପକଣ୍ଠସ୍ଥ ଧଉଳି ଠାରୁ ଚିଲିକା ପର୍ଯ୍ୟନ୍ତ ଦୟାନଦୀର ଉଭୟ ପାର୍ଶ୍ୱ ନଦୀବନ୍ଧକୁ ଯାନବାହାନ ଚଳାଚଳ ଯୋଗ୍ୟ କରାଯାଉ। ଫଳରେ ପ୍ରଶାସନିକ ଅଧିକାରୀଙ୍କ ସହଜ ଯୋଗାଯୋଗ ଫଳରେ ପ୍ରଦୂଷଣ ସୃଷ୍ଟିକାରୀ ଙ୍କୁ ସହଜ ଦମନ ହେବା ସହ ପ୍ରତିବର୍ଷ ବନ୍ୟା ନିୟନ୍ତ୍ରଣ ସହଜ ହୋଇ ପାରିବ।



ଆଦିକନ୍ଦ ଶ୍ରୀଚନ୍ଦନ

୭) ଦୟାକୁ ଉପର ମୁଣ୍ଡର ପାଣି ଛଡାଯାଇ ଚିରସ୍ରୋତା କରାଯିବା ସହ ଧଉଳି ଠାରୁ କାଳିଜାଇ ପର୍ଯ୍ୟନ୍ତ ଫେରି ଘାଟର ବ୍ୟବସ୍ଥା ସହ ଯାତ୍ରୀମାନଙ୍କ ପାଇଁ ନୌକା ବିହାରର ସୁଯୋଗ ସୃଷ୍ଟି କରାଯାଉ। ଫଳରେ ନଦୀ ପାଣିକୁ ଦୂଷିତ କରି ଅଣ ପାରମ୍ପରିକ ଭାବରେ ମାଛ ଧରୁଥିବା ସ୍ଥାନୀୟ ଯୁବକ ଧଉଳି ଠାରୁ ଚିଲିକା ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କୁ ନୌକା ବିହାର କରାଇ ବିକଳ୍ପ ରୋଜଗାର କ୍ଷମ ହୋଇ ପାରିବ।

ନଦୀ ଆମର ମା'। ଏହାର ଜଳ ଆମ ପାଇଁ ଅମୃତ ।ନଦୀର ସୁରକ୍ଷା ମା'ର ସୁରକ୍ଷା।

*ଆବାହକ, ନିର୍ମଳ ଦୟା ଅଭିଯାନ*
*କଣାସ, ପୁରୀ*

# ଉପକାରୀ ଗୋଲମରିଚ

ଅନେକ ଦିନରୁ ଶରୀର ଅସୁସ୍ଥ ରହିଥିଲେ ଓ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଲାଗି ରହୁଥିଲେ ପ୍ରତ୍ୟେକ ସୋମବାର ଶିବଲିଙ୍ଗରେ ଗୋଲମରିଚ ଅର୍ପଣ କରନ୍ତୁ । ଶିବରାତ୍ରୀରେ ଏହି ଉପାୟ କଲେ ଅଧିକ ଲାଭ ମିଳିବ । ଘରେ ଅଯଥାରେ ଅଶାନ୍ତି ଓ କଳହ ହେଉଥିଲେ ଘରର ଏକ କୋଣରେ କିଛି ଗୋଲମରିଚ ଜଳାଇ ଦିଅନ୍ତୁ । ଏହାଦ୍ୱାରା ଘରୁ ନକରାତ୍ମକ ଶକ୍ତି ଦୂର ହୋଇଥାଏ । ସେହିପରି ବାରମ୍ୱାର ଚେଷ୍ଟା କରିବା ପରେ ମଧ୍ୟ ଅସଫଳତା ମିଳୁଥିଲେ,କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ, ରାତିରେ ଶୋଇବା ସମୟରେ ତକିଆ ତଳେ ଅଳ୍ପ କିଛି ଗୋଲମରିଚ ରଖି ଦିଅନ୍ତୁ । ଏହାଦ୍ୱାରା କର୍ମକ୍ଷେତ୍ରରେ ସଫଳତା ମିଳିବା ସହ ଥିବା ବାଧା ଦୂର ହୋଇଥାଏ । ଅଟକି ଥିବା କାମରେ ପୂରଣ ହୁଏ । ଚାକିରିରେ ପଦନ୍ନୋତି ମଧ୍ୟ ହୋଇଥାଏ । ଯେତେ ରୋଜଗାର କଲେ



ମଧ୍ୟ ଟଙ୍କା ଅଭାବ ଲାଗି ରହିଲେ, ଅଯଥାରେ ଟଙ୍କା ଖର୍ଚ୍ଚ ହେଉଥିଲେ କିଛି ଗୋଲମରିଚକୁ ଘରେ ରଖିବା ପରେ ଏହାକୁ ଘର ବାହାରେ ଫିଙ୍ଗି ଦିଅନ୍ତୁ। ଶୁଭଫଳ ମିଳିବ।

# ବୃଦ୍ଧ ଦମ୍ପତିଙ୍କର ଭିକ୍ଷା ପାଲଟିଛି ସାହାରା, ମିଳିପାରୁନି ରାସନ୍ କାର୍ଡ

ଭବାନୀପାଟଣା (ଭିଓଭି): ସରକାର ଗରିବ ରୁ ଗରିବ ବି ଭୋକ କାରଣରେ କୌଣସି ମୃତ୍ୟୁ ନ ହୁଏ ଓ ସମସ୍ତ ଙ୍କୁ ଖାଦ୍ୟ ଯୋଗାଣ ପାଇଁ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟ କଲେ। ଏହି ଯୋଜନା ରେ ସାଧାରଣ ଗରିବ ଲୋକଙ୍କୁ ପ୍ରାଥମିତା ଦେଇ ସାମିଲ କରାଗଲା।ରାସନ କାର୍ଡ ମାଧ୍ୟମରେ ପଞ୍ଚାୟତ ଚାଉଳ ,ଗହମ , ମାଣ୍ଡିଆ, କିରୋସିନ ଇତ୍ୟାଦି ଲୋକଙ୍କୁ ଯୋଗାଇ ଦିଆଗଲା। ହେଲେ ଟେଣ୍ଡାପାଲି ପଞ୍ଚାୟତ ଘଣ୍ଟିଗୁଡା ଗ୍ରାମ ତେଲି ପଳାସ ପଡା ର ଦମ୍ପତି ଙ୍କ କ୍ଷେତ୍ରରେ ଯୋଜନା ଅପହଞ୍ଚ ଦୁରେ ରହିଯିବା ଘଟଣା ସାମ୍ନା କୁ ଆସିଛି। ଦମ୍ପତି ହେଲେ ଗ୍ରାମର ହରି ଗହୀର (୭୦) ସ୍ତ୍ରୀ ମାଳତୀ ଗହୀର (୬୫) । ତାଙ୍କ ଦୁର୍ଦ୍ଦଶା ନ କହିବା ଭଲ।



ଏକ ଝାଟି ଘରେ ଦୁଇ ଦମ୍ପତି ଦୀର୍ଘ ବର୍ଷ ରୁ ରହି ଆସୁଛନ୍ତି। ହସିଲା ସଂସାର ଭିତରେ ଗୋଟାଏ ପୁଅ,ଗୋଟାଏ ଝିଅ ସହ ଆନନ୍ଦ ଉଲ୍ଲାସ ରେ ରହୁଥିଲେ ଦମ୍ପତି। ହେଲେ ପୁଅ ଝିଅ କୁ ତାଙ୍କ ଠାରୁ ବହୁଦିନ ହେବ ଛଡେଇ ନେଇଛି ଦଇବ । ଏବେ ଦୁହେଁ ଏକ ଝାଟି କୁଡ଼ିଆ ଟେ କରି ରହି ଆସୁଛନ୍ତି ।ଏବେ ଅପରାହ୍ନ ବୟସ । ସାହା ବୋଲି କିଏ ନାହିଁ ।କେବଳ ସକାଳ ପାହିଲେ କଷ୍ଟେ ମଷ୍ଟେ ପାଖ ଆଖ ଗାଁ କୁ ଯାଇ ଭିକ୍ଷା ମାଗି ଯାହା ଆଣନ୍ତି ସେଥିରେ ଚୁଲିରେ ନିଆଁ ଲାଗେ। ଦେହ ପା କଥା କିଏ ପଚାରେ। ଉପର ବାଲା ଭରସା । ଏତିକିରେ ଦୁଃଖ ସରେ ନାହିଁ-ସ୍ୱାଧୀନତା ୭୬ତମ ବର୍ଷ ହୋଇଥିଲେ ହିଁ ମୌଳିକ ଅଧିକାରରୁ ବଞ୍ଚିତ ଦମ୍ପତି। ନା ପଞ୍ଚାୟତ ମିଳୁଛି ଚାଉଳ ନା ବାର୍ଦ୍ଧକ୍ୟଭତ୍ତା ଓ ଅନ୍ୟାନ୍ୟ ସୁବିଧା। କିଛି ବର୍ଷ ତଳେ ପଞ୍ଚାୟତ ପ୍ରତିନିଧି ଓ କାର୍ଯ୍ୟନିର୍ବାହୀ ଅଧିକାରୀ କୃପାରୁ ସହାୟତା ଭାବେ ୫କିଲୋ ଚାଉଳ ଦେଉଥିବାବେଳେ ବର୍ତ୍ତମାନ ଆଉ ତାହା ବି ପାଉ ନ ଥିବା କହନ୍ତି ହରି। ଆଧାର କାର୍ଡ କିମ୍ବା ଭୋଟ କାର୍ଡ ତାଙ୍କ ନ ଥିବା ଯୋଗୁଁ ସବୁଠିଁରୁ ବଞ୍ଚିତ ହୋଇଥିବା ଗ୍ରାମର ଅନେକ ଲୋକ କହନ୍ତି। ଅନ୍ୟପଟେ ୱାର୍ଡ ମେମ୍ବର କିମ୍ବା ସ୍ଥାନୀୟ ସରପଞ୍ଚଙ୍କ କର୍ତ୍ତବ୍ୟ ନ ହେଲେ ବି ମାନବିକତା ଦୃଷ୍ଟି କୋଣ ରୁ ଏହି ବ୍ୟବସ୍ଥା କରିବା କଥା ବୋଲି ଲୋକେ ଆଲୋଚନା କରନ୍ତି। ଘର ଖଣ୍ଡ ତ ଦୂରର କଥା-କମସେ କମ ଖାଦ୍ୟ ସୁରକ୍ଷା ଆଇନ ଭିତରେ ଦମ୍ପତିଙ୍କୁ ସମ୍ପୃକ୍ତ କରିବା ବ୍ୟବସ୍ଥା ସ୍ଥାନୀୟ ପ୍ରତିନିଧିଙ୍କ ଦାୟିତ୍ୱ ଥିବା ସାଧାରଣ ରେ ପ୍ରତିକ୍ରିୟା ହୁଏ। ଦମ୍ପତିଙ୍କ ବିଷୟରେ ସ୍ଥାନୀୟ ସରପଞ୍ଚ ଗୌଲୋଚନ ଗୋପାଳଙ୍କୁ ପଚାରିବାରୁ -ଆଧାର କାର୍ଡ ନ ଥିବା ଓ ଦମ୍ପତି ଦୁହେଁ କେବେ ଗାଁ ରେ ତ କେବେ ଗାଁ ବାହାରେ ରହୁଥିବା ଯୋଗୁ ସମସ୍ୟା ହେଉଥିବା ପ୍ରକାଶ କରନ୍ତି। ଅନ୍ୟଅଟେ ସରପଞ୍ଚଙ୍କ ପ୍ରତିକ୍ରିୟା ଉପରେ ହରିଙ୍କ ଭାଇ ଦମ୍ପତି ଦୁହେଁ ଜନ୍ମ ଠାରୁ ଏଠି ରହୁଛନ୍ତି ଓ ଆଧାର କାର୍ଡ ପାଇଁ ବାରମ୍ବାର ଯାଇ ଥିଲେ ହିଁ ହୋଇ ନ ଥିବା କହନ୍ତି। ସେ ଯାହା ହେଉନା କାହିଁକି -ତୁରନ୍ତ ଦମ୍ପତି ଦୁହିଁଙ୍କୁ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଭିତରେ ସମ୍ପୃକ କରି ଯୋଜନା ମାଧ୍ୟରେ ଚାଉଳ ଓ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥା ଯୋଗାଇ ଦେବା କୁ ପଡାବାସୀ ଦାବୀ କରନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

# ସଡକ ସୁରକ୍ଷା ଧରପଗଡ, ଜୋରିମାନା ଆଦାୟ

ଭଦ୍ରକ, (ଭିଓଭି): ସଡକଦୁର୍ଘଟଣାରେ ମୃତାହତ ସଂଖ୍ୟା ହ୍ରାସ କରାଯିବା ଉଦ୍ଦେଶ୍ୟ ରେ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟ ରେ ଆଞ୍ଚଳିକ ପରିବହନ ଓ ପୋଲିସ୍ ବିଭାଗ ଦ୍ୱାରା କରାଯାଇଅଛି। ସେଥି ମଧ୍ୟରେ ଦୃତ ଗତି ପାଇଁ ୨୧ ଟି, ନିଶା ଶକ୍ତ ଗାଡି ଚାଳକ ୧ ଟି , ବିନା ହେଲମେଟ ଗାଡି ଚାଳନା ୩୧ ଟି,ଦୁଇ ଚକିଆ ରେ ତିନି ଜଣିଆ ଗାଡି ଚାଳନା



ଧରପଗଡ କାର୍ଯ୍ୟ ଜାରି ରହିଛି । ଫେବୃଆରୀ ୩ ଓ ୪ ତାରିଖରେ ରକ୍ଷନ୍ଦିଆ ଓ ଚରମ୍ପା ରେ ସଡକ ସୁରକ୍ଷା ନିୟମ ଭଙ୍ଗ କାରୀ ଙ୍କୁ ଧରପଗଡ କରାଯାଇ ସମୁଦାୟ ୧୩୧ ଟି କେସ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩ ତାରିଖ ରେ ୫୦୭୦୦୦ ଓ ୪ତାରିଖ ରେ ୧୦୮୦୦୦ ସମୁଦାୟ ୬୧୫୦୦୦ ଟଙ୍କା ର ଜୋରିମାନା ଆଦାୟ ୧ଟି, ଦ୍ରବ୍ୟ ପରିବହନ ଗାଡି ରେ ଯାତ୍ରୀ ପରିବହନ ୧ଟି ଓ ଅନ୍ୟାନ୍ୟ ସଡକ ସୁରକ୍ଷା ନିୟମ ଭାଙ୍ଗି ଥିବା ୭୬ଟି କେସ ଚିହ୍ନଟ କରାଯାଇ ଚାଲାଣ କଟା ଯାଇଥିଲା। ଟ୍ରାଫିକ ସବଇ ନିସ୍ପେକ୍ଟରର ଶର୍ମିଷ୍ଠା ମିଶ୍ର,। ଏ ଏସ ଆଇ ଶ୍ୟାମ ସୁନ୍ଦର ନାୟକ ଏବଂ ଓଡ଼ିଶା ମୋଟର ଯକ୍ଷନ ବିଭାଗ ର ଅନ୍ୟ କର୍ମଚାରୀ ମାନେ ଏହି ଧରପଗଡ ରେ ସାମିଲ ଥିଲେ।

## ପ୍ରଶାସନ ନୀରବ

# କଣାସରେ ଚାଲିଛି ବେଧଡକ ବାଲି ଓ ପଥର ଚାଲାଣ

କଣାସ, (ଭିଓଭି): ପୁରୀ ଜିଲ୍ଲା କଣାସ ବ୍ଲକରେ ଦିନ ଦ୍ୱିପ୍ରହାରେ ଖୁଲମ୍ ଖୁଲା ଚୋରା ବାଲି ଓ ପଥର ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି ।ଗତ କିଛି ଦିନ ପୂର୍ବରୁ ବେଆଇନ୍ ୧୯ ଟି ମାଙ୍କଡା ପଥର ବୋଝେଇ ଟ୍ରକ୍ ମାଇନ୍ସ ବିଭାଗ ବିଜିପୁର ଛକରୁ ଜବତ କରି ରଖିଥିବା ବେଳେ ତ୍ରିଲୋଚନପୁର ପଞ୍ଚାୟତ ତ୍ରିଲୋଚନପୁର ଗ୍ରାମ ନଦୀପଠାରୁ ଜେସିବି ମାଧ୍ୟମରେ ସହ ସହ ଟ୍ରିପ ବାଲି ଟ୍ରାକ୍ଟର ମାଧ୍ୟମରେ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଛିଛି । ଯାହାଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟୁଛି । ପ୍ରଶାସନ ଜାଣିଶୁଣି ନୀରବ ରହୁଥିବା ବେଳେ ବାଲି ମାଫିଆଙ୍କ ବିରୋଧରେ ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଲୋକଙ୍କ କହିବା କଥା ଦୀର୍ଘ ଦିନ ହେବ ନଦୀ ପଠାରୁ ବୋଲି ମାଫିଆମାନେ ରାଜସ୍ୱ ବିଭାଗରୁ କୌଣସି ଅନୁମତି ନାଆଣି କି ଲିଜ୍ ନକାଟି ସହ ସହ ଟ୍ରାକ୍ଟର ବାଲି ଚୋରା ଚାଲାଣ କରୁଛନ୍ତି ।ଯାହା ଫଳରେ



ବନ୍ୟା ସମୟରେ ନଦୀ ବନ୍ଧ ଉପରେ ପ୍ରଭାବ ପକାଉଛି ଓ ଅଞ୍ଚଳବାସୀ ଭୟଭିତରେ ରହୁଛନ୍ତି ।ସେପଟେ ରାଜସ୍ୱ ନିରୀକ୍ଷକଙ୍କ ଜାଣତରେ ବାଲି ମାଫିଆମନେ ବାଲି ତାଡି ନେଉଥିବା ବେଳେ ବାଲି ମାଫିଆ ମାଲେ ମାଲ୍ ହେଉଥିବା ଅଭିଯୋଗ ହେଉଛି । ଏଭଳି ଘଟଣାକୁ ସରକାର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେପି ନେତା କୃଷ୍ଣ ଚନ୍ଦ୍ର ଜଗଦେବ ଦାବୀ କରିଥିବା ବେଳେ ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ କହିଛନ୍ତି କଣାସ ବ୍ଲକର ବିଭିନ୍ନ ନଦୀ ଶଯ୍ୟାରୁ ବେଆଇନ ବାଲି ଖନନ ହେଉଛି ଫଳରେ ବନ୍ୟା ବାତ୍ୟା ସମୟରେ ଲୋକମାନଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ସେପଟେ କଣାସ ତହସିଲଦାର ହିଂମାଶୁ ଶେଖର ଗିରି କହିଛନ୍ତି ବାଲି ଚୋରା ଚାଲାଣ ଘଟଣାକୁ ମାଇନ୍ସ ଓ ସ୍ଥାନୀୟ ଥାନାକୁ ଜଣାଇଛନ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ । କଣାସ ଅଞ୍ଚଳରେ ଚୋରା ବାଲି ଓ ପଥର ଚାଲାଣ ଉପରେ ପ୍ରଶାସନ ରୋକ୍ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

# ପିଛା ଛାଡୁନି କାଶୀପୁରରେ ଜନନୀ ଯନ୍ତ୍ରଣା

ରାୟଗଡ଼ା (ଭିଓଭି): କାଶୀପୁର ରେ ଜନନୀ ଯନ୍ତ୍ରଣା ,ଏହିପରି ଘଟଣା କାଶୀପୁର ପାଇଁ କିଛି ନୂଆକଥା ନୁହେଁ ସମସ୍ତେ ଦେଖି ଶୁଣି ଚୁପ କିନ୍ତୁ ନିରୀହ ଲୋକଙ୍କ ଜୀବନ କିପରି ଛଟ ପଟ ହଉଛି ତାହା ଯନ୍ତ୍ରଣା ଭଗୁଥିବା ଲୋକ ହିଁ ଜାଣିପାରିବ। ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ କୋଡ଼ିପାରି ପଞ୍ଚାୟତ କଣ୍ଟାବାଞ୍ଜି ଗ୍ରାମରେ ଗ୍ରାମ କୁ ପୋକା ରାସ୍ତା ନ ଥିବାରୁ ଜନନୀ ଯନ୍ତ୍ରଣା ରେ ଛଟ ପଟ ହଇ ଏକ ଶିଶୁକନ୍ୟା ଜନ୍ମ ଦେଲେ କଳାମଣି ମାଝୀ ବୟସ ୨୫ ସ୍ୱାମୀ ପବିତ୍ର ମାଝୀ ସେ ଆଶା ଦିଦି ରଞ୍ଜିତା ନାଏକ ଙ୍କୁ ଖବର ଦେବାରୁ ଆଶା ୧୦୮ ଆମ୍ବୁଲାନ୍ସ କୁ ଫୋନ୍ ମାଧ୍ୟମ ରେ ସକାଳ ୯ ଟା ୩୦



ମିନିଟ୍ ରେ ଯୋଗାଯୋଗ କରିଥିଲେ ଆମ୍ବୁଲାନ୍ସ ଠିକ୍ ସମୟରେ ଆସିଥିଲା କିନ୍ତୁ ଗାଁ କୁ ରାସ୍ତା ନ ଥିବାରୁ ଅଧା ବାଟରେ ଖଙ୍ଗାରମୁଣ୍ଡା ଗାଁ ପାଖରେ ଅଟକି ଥିବାରୁ ଷ୍ଟେଚର୍ ରେ ଆମ୍ବୁଲାନ୍ସ ଡ୍ରାଇଭର ପରୀକ୍ଷିତ ନାଏକ, ଫର୍ମାଶିଷ୍ଟ ରମେଶ ଚନ୍ଦ୍ର ମାଝୀ, ହେଲ୍ପର ଅମର ସିଂ ମାଝୀ ଓ ଆଶା ଦିଦି ମିଶି ଗାଁ ରୁ ପ୍ରାୟ ଏକ କି.ମି ଷ୍ଟେଚର ରେ ବହି ଆଣି ଆମ୍ବୁଲାନ୍ସ ଯୋଗେ କାଶୀପୁର ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ପୋଠା ଯାଇଥିଲା, ସୂଚନା ପ୍ରକାରେ ମା ଓ ନବ ଜନ୍ମିତ ଶିଶୁକନ୍ୟା ଦୁହେଁ ସୁସ୍ଥ ଥିବା ଡ଼ାକ୍ତର କୋହିଛନ୍ତି। ସୂଚନା ଥାଉ କି ପୂର୍ବ ସରକାର ରେ ବହୁ ବାର ଏମିତି ଚିତ୍ର ଦେଖିବାକୁ ମିଳିଥିଲା ଓ ଏବେ ମଧ୍ୟ ଦେଖିବାକୁ ମିଳିଛି ତେବେ ଆଜି ନୂଆ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶାର ଶୁଭାରମ୍ଭ କରିଛନ୍ତି କେତେ ଗାଁ କୁ ବିକାଶ ହଉଛି ଜନ ସାଧାରଣ ସୁବିଧା ପାଉଛନ୍ତି। ବୁଦ୍ଧିଜୀବ ମହଲ ରେ ଚର୍ଚ୍ଚା ର ବିଷୟ ପାଲଟିଛି।

VOICE OF VICTIMS
Empowering Hope, Dignity & Respect
ଭଏସ୍ ଅଫ୍ ଭିକ୍ଟିମ୍ସ ଟ୍ରଷ୍ଟ୍ ର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜୀବନ ସଦସ୍ୟତା ନିମନ୍ତେ ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଲିଖିତ ଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ଯୋଗାଯୋଗ କରି ପ୍ରଦତ୍ତ ଆକାଉଣ୍ଟରେ ଦେୟ ପଇଠ କରିବାକୁ ଅନୁରୋଧ।
Voice of Victims Trust
Phone No:6371417361
Email:voiceofvictimsnews@gmail.com
Current Account No: 40187930783
SBI Old Town Branch, Bhubaneswar
IFSC: SBIN0003108

## ଆଶାରାମ ବାପୁଙ୍କ ଡ଼କ୍ୟୁମେଣ୍ଟାରୀ ସିରିଜ୍ ମାମଲା

# ଡିସ୍କଭରୀର ସୁରକ୍ଷା ସୁନିଶ୍ଚିତ କରିବା ନିର୍ଦ୍ଦେଶ ଦେଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, (ଭିଓଭି): ନିକଟରେ ରିଲିଜ ହୋଇଥିବା ଡକ୍ୟୁମେଣ୍ଟାରୀ ସିରିଜ 'କଲ୍ଟ ଅଫ ଫିୟର: ଆଶାରାମ ବାପୁ'ଙ୍କ ସମ୍ପର୍କରେ ଡିସ୍କଭରି କମ୍ୟୁନିକେସନ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆବେଦନରେ କୁହାଯାଇଛି ଯେ ଜାନୁଆରୀ ୨୯ରେ ଏହି ଡକ୍ୟୁମେଣ୍ଟାରୀ ସିରିଜ ମୁକ୍ତିଲାଭ କରିବା ପରଠାରୁ, ଡିସ୍କଭରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିରନ୍ତର ଧମକ ମିଳୁଛି। କିଛି ସ୍ଥାନରେ ଆଶାରାମ ବାପୁଙ୍କ ସମର୍ଥକଙ୍କ ଭିଡ଼ ତାଙ୍କ କାର୍ଯ୍ୟାଳୟ ବାହାରେ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ଅନେକ ରାଜ୍ୟ ସରକାରଙ୍କୁ ଡିସ୍କଭରୀ ସହିତ ଜଡିତ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିସ୍କଭରୀ କମ୍ୟୁନିକେସନର ଆବେଦନରେ କେନ୍ଦ୍ର ସରକାରଙ୍କ ବ୍ୟତୀତ ମହାରାଷ୍ଟ୍ର, ତେଲଙ୍ଗାନା, ଦିଲ୍ଲୀ, ହରିୟାଣା, ପଶ୍ଚିମବଙ୍ଗ, କର୍ଣାଟକ ଏବଂ ତାମିଲନାଡୁ ସରକାରଙ୍କୁ ପକ୍ଷ କରାଯାଇଛି। ଆବେଦନରେ କୁହାଯାଇଛି ଯେ ବିବାଦୀୟ ସନ୍ଥ ଆଶାରାମ ବାପୁଙ୍କ ଉପରେ ଡକ୍ୟୁମେଣ୍ଟାରୀ ସିରିଜ ରିଲିଜ ହେବା ପରଠାରୁ, ଡିସ୍କଭରୀ ସହିତ ଜଡିତ ଲୋକଙ୍କୁ ମଧ୍ୟ ବିଭିନ୍ନ ଉପାୟରେ ଧମକ ମିଳୁଛି। ଡିସ୍କଭରୀର ମୁମ୍ବାଇ କାର୍ଯ୍ୟାଳୟ ବାହାରେ ଭିଡ଼ ଜମା ହେବା ପରେ, ସୁରକ୍ଷା ଦୃଷ୍ଟିରୁ କର୍ମଚାରୀମାନଙ୍କୁ ଘରୁ କାମ କରିବାକୁ କୁହାଯାଇଛି। ଡିସ୍କଭରୀ କହିଛି ଯେ ଏହା ମୁମ୍ବାଇ, ପୁଣେ, ଗୁରୁଗ୍ରାମ, ଦିଲ୍ଲୀ, ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁ ସମେତ ଅନେକ ସ୍ଥାନରେ ପୋଲିସ ଷ୍ଟେଶନରେ ଅଭିଯୋଗ ଦାଖଲ କରି ସୁରକ୍ଷା ପାଇଁ ଅନୁରୋଧ କରିଛି। କିଛି ସ୍ଥାନରେ ପୋଲିସ ଗମ୍ଭୀରତା ଦେଖାଇଥିଲା, କିନ୍ତୁ କିଛି ସ୍ଥାନରେ ପୋଲିସ ଆବଶ୍ୟକ ପରିମାଣର କାର୍ଯ୍ୟକଳାପ ଦେଖାଇ ନ ଥିଲା। ପିଟିସନରେ ଏହା ମଧ୍ୟ ଦାବି କରାଯାଇଥିଲା ଯେ ସୁପ୍ରିମକୋର୍ଟ ଭିଡ଼ ହିଂସା ଏବଂ ସାର୍ବଜନୀନ ସମ୍ପତ୍ତି କ୍ଷତି ସହ ଜଡିତ ମାମଲାରେ ଦେଶବ୍ୟାପୀ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ଉଚିତ। ଏପରି ମାମଲା ପାଇଁ ମଧ୍ୟ ସମାନ କାର୍ଯ୍ୟ କରାଯିବା ଉଚିତ। ଏହି ମାମଲାର ପରବର୍ତ୍ତି ଶୁଣାଣି ମାର୍ଚ୍ଚ ୫ରେ କରାଯିବ।



## ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଲେ ହାଇକୋର୍ଟ

କଟକ, (ଭିଓଭି): ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ନିଯୁକ୍ତି ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ନିଯୁକ୍ତି ପ୍ରକ୍ରିୟା ଜାରି ରହିବ, କିନ୍ତୁ ହାଇକୋର୍ଟଙ୍କ ବିନା ଅନୁମତିରେ କୌଣସି ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ନାହିଁ। ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଗଙ୍ଗାମଣି ଜେନା ଓ ଅନ୍ୟ ତିନି ଜଣଙ୍କ ତରଫରୁ ଦାୟର ପୃଥକ୍ ମାମଲାର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥି ସହିତ ମାମଲାରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ଓ ଓଡ଼ିଶା ସବ୍-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିସନ୍ (ଓଏସ୍ଏସ୍ଏସ୍ସି)କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ତୃତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୭୫୩ ଟି ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପଦ ପୂରଣ ପାଇଁ ଓଏସ୍ଏସ୍ଏସ୍ସି ପକ୍ଷରୁ ୨୦୨୩ ଏପ୍ରିଲ୍ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଲିଖିତ ପରୀକ୍ଷାରେ ଶହେଟି ପ୍ରଶ୍ନ ପଡ଼ିଥିଲା। ପ୍ରତି ପ୍ରଶ୍ନର ଠିକ୍ ଉତ୍ତର ପାଇଁ ୧ ମାର୍କ ମିଳିବ ଓ ଭୁଲ ଉତ୍ତର ପାଇଁ ମାର୍କ (୦.୨୫) କଟିବ ବୋଲି ସ୍ପଷ୍ଟ କରାଯାଇଥିଲା। ଲିଖିତ ପରୀକ୍ଷା ପରେ ୨୦୨୩ ଡିସେମ୍ବର ୭ରେ ଓଏସ୍ଏସ୍ଏସ୍ସି ପକ୍ଷରୁ ଉତ୍ତର (ଆନସର କି') ପ୍ରକାଶ କରାଯାଇଥିଲା। ୨୦୨୪ ଫେବ୍ରୁଆରି ୫ରେ ସଂଶୋଧିତ ଉତ୍ତର (ଆନସର କି') ଓଏସ୍ଏସ୍ଏସ୍ସି ପ୍ରକାଶ କରିଥିଲେ। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ଲିଖିତ ପରୀକ୍ଷାରେ ୨୧ଟି ପ୍ରଶ୍ନ ଓ ସମ୍ଭାବ୍ୟ ଉତ୍ତର ତ୍ରୁଟିପୂର୍ଣ୍ଣ ଥିଲା। କେତେକ ପ୍ରଶ୍ନ ସଂପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଥିବା ବେଳେ ଏଥି ପାଇଁ ପ୍ରାର୍ଥୀଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିଲା।

## ପଞ୍ଚାୟତ ନିର୍ବାହୀ ଅଧିକାରିଙ୍କୁ ନିଲମ୍ବନ କରିପାରିବେ ନାହିଁ ଜିଲ୍ଲାପାଳ : ହାଇକୋର୍ଟ



କଟକ (ଭିଓଭି): ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ ହୋଇଥିବା ଭିଏଲ୍‌ଡବ୍ଲ୍ୟୁଙ୍କୁ ନିଲମ୍ବନ କରିବା କ୍ଷମତା ଜିଲ୍ଲାପାଳଙ୍କର ନାହିଁ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି ଯେ ଭିଏଲ୍‌ଡବ୍ଲ୍ୟୁମାନେ ଗ୍ରାମ ପଞ୍ଚାୟତ ଅଧୀନରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ପଞ୍ଚାୟତ ପ୍ରତି ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ସେମାନଙ୍କ ଚାକିରି ଗ୍ରାମ ପଞ୍ଚାୟତ ନିୟନ୍ତ୍ରଣାଧୀନ। ସେମାନଙ୍କ ଦ୍ୱାରା କୌଣସି ବିଶୃଙ୍ଖଳା ଓ ଅବହେଳା ପ୍ରସଙ୍ଗ ଗ୍ରାମ ପଞ୍ଚାୟତ ଶାସନାଧୀନ। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ଗ୍ରାମ ପଞ୍ଚାୟତ ହାତରେ ରହିଛି। ଜିଲ୍ଲାପାଳଙ୍କ ଭଳି ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ନିକଟରେ ନାହିଁ। ନିଲମ୍ବନ ଆଦେଶ ଅନିର୍ଦ୍ଦିଷ୍ଟ କାଳ ପାଇଁ ହୋଇପାରିବ ନାହିଁ। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ନିଶ୍ଚିତ ଭାବେ ନିର୍ଦ୍ଦିଷ୍ଟ ସମୟ ଭିତରେ ଶେଷ ହେବ। ବିନା ପୁନର୍ବିଚାରରେ ୯୦ ଦିନ ପରେ ଜାରି ରହିଥିବା ନିଲମ୍ବନ ଆଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ସଙ୍କୁଲେଇ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ସୁନିଲ କୁମାର ପରିଡ଼ାଙ୍କୁ ନିଲମ୍ବନ କରି ଢେଙ୍କାନାଳ ଜିଲ୍ଲାପାଳ ୨୦୨୪ ଫେବ୍ରୁଆରି ୮ରେ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଡକ୍ଟର ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ପରିଡ଼ାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନିଲ କୁମାର ପରିଡ଼ାଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରଦ୍ଧାଳୁଙ୍କୁ ନେଇ ୨୦୨୪ ଫେବ୍ରୁଆରି ୭ରେ ପୁରୀ ଯିବା ଲାଗି ନୋଡାଲ ଅଧିକାରୀ ଭାବେ ଢେଙ୍କାନାଳ ସଦର ବିଡିଓ ଦାୟିତ୍ୱ ଦେଇଥିଲେ। କିନ୍ତୁ ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରଦ୍ଧାଳୁଙ୍କୁ ନେବା ଲାଗି ବିଳମ୍ବରେ ପହଞ୍ଚିଥିଲେ, ଦାୟିତ୍ୱରେ ଅବହେଳା କରିଥିଲେ ଓ ବିଶୃଙ୍ଖଳା କରିଥିଲେ ବୋଲି ସୁନିଲଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସଦର ବିଡିଓଙ୍କ ପ୍ରସ୍ତାବ ଅନୁଯାୟୀ ଜିଲ୍ଲାପାଳ ତାଙ୍କୁ ନିଲମ୍ବନ କରିଥିବା ବେଳେ ଏହି ନିଲମ୍ବନ ଆଦେଶକୁ ଚ୍ୟାଲେଞ୍ଜ କରି ସୁନିଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।







CONTACT
6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର